ଧରିତ୍ରୀ
DHARITRI
ସୋମବାର, ୩ ଫେବୃୟାରୀ, ୨୦୨୦



## ସଂକ୍ଷେପରେ

### ଆନନ୍ଦମୟୀ ହାଇସ୍କୁଲର ବାର୍ଷିକ ଉତ୍ସବ

**ଜଳେଶ୍ୱର, ୨।୨(ସ୍ୱ.ପ୍ର.):** ଜଳେଶ୍ୱର ବ୍ଲକ ପଶ୍ଚିମବାର୍ଡ ପଞ୍ଚାୟତର ଦେବକୁମାରଠାରେ ଥିବା ଆନନ୍ଦମୟୀ ହାଇସ୍କୁଲର ବାର୍ଷିକ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ସମାଜସେବୀ ରମେଶ ଚନ୍ଦ୍ର ପାତ୍ର ଏଥିରେ ସଭାପତିତ୍ୱ କରିଥିଲେ। ସମାଜସେବୀ ସୁବାସିନୀ ଜେନା ମୁଖ୍ୟଅତିଥି ଭାବେ ଯୋଗଦେଇ ଛାତ୍ରୀଛାତ୍ର ସଚେତନ ଓ ଦୃଢ଼ମନା ହୋଇ କର୍ତ୍ତବ୍ୟ ସମ୍ପାଦନ କଲେ ସେମାନଙ୍କ ସଫଳତା ସହିତ ସାମାଜିକ ଓ ସାମଗ୍ରିକ ବିକାଶ ହାଇପାରିବ ବୋଲି କହିଥିଲେ। ମୁଖ୍ୟବକ୍ତା ଓଷ୍ଟାର ନେତା ଅକ୍ଷୟ କୁମାର ମିଶ୍ର, ସମ୍ମାନିତ ଅତିଥି ଭାବେ ଏବିଇଓ ମନବିହାରୀ ଦାସ ଅଧିକାରୀ ଓ ସୁଶାନ୍ତ କୁମାର ଜେନା, ଜିଲା ପରିଷଦ ସଦସ୍ୟା ସାବିତ୍ରୀ ଦାସ, ବ୍ଲକ ଉପାଧ୍ୟକ୍ଷ ବ୍ରଜମୋହନ ପ୍ରଧାନ, ଖବରଦାତା ଭୂପତି ପରିଡ଼ା ଯୋଗ ଦେଇଥିଲେ। ପ୍ରଧାନଶିକ୍ଷକ ସୁକୁମାର ମିଶ୍ର ମଞ୍ଚ ପରିଚାଳନା, ବାର୍ଷିକ ବିବରଣୀ ପାଠ ଏବଂ ରଞ୍ଜନ କୁମାର ପ୍ରଧାନ ଧନ୍ୟବାଦ ଅର୍ପଣ କରିଥିଲେ। ସେହିପରି ପୂର୍ବାହ୍ନରେ ଶ୍ରୀମା ଶ୍ରୀଅରବିନ୍ଦଙ୍କ ପାଠଚକ୍ର ଓ ଆଧାତ୍ମିକ ଶିକ୍ଷା ପ୍ରଦାନ ବେଳେ ପ୍ରଧାନ ଶିକ୍ଷୟିତ୍ରୀ ପ୍ରତିମା ନନ୍ଦି ସଭାପତିତ୍ୱ କରିଥିଲେ। ଓଷ୍ଟାର ସଭାପତି ସୁନୀଲ କୁମାର ନାୟକ ମୁଖ୍ୟଅତିଥି ଏବଂ ଚନ୍ଦ୍ରକାନ୍ତ ଅଣ୍ଡିଆ, ବିନୋଦ ବିହାରୀ ମହାପାତ୍ର, ରବୀନ୍ଦ୍ର ନାଥ ରାୟ, ଶ୍ରୀମନ୍ତ ପ୍ରଧାନ ପ୍ରମୁଖ ସମ୍ମାନୀତ ଅତିଥି ଭାବେ ଯୋଗ ଦେଇଥିଲେ। ବିଦ୍ୟାଳୟର ପ୍ରତିଷ୍ଠାତା ଯଦୁମଣି ପ୍ରଧାନ ଉଦ୍‌ଘାଟନ କରିଥିଲେ। ଛାତ୍ର ନୀହାର ରଞ୍ଜନ ଦାସ ମହାପାତ୍ର ଓ ଛାତ୍ରୀ ରଶ୍ମିତା ସାହୁ ମଞ୍ଚ ଆହ୍ୱାନ କରିଥିବାବେଳେ ବିଷ୍ଣୁପ୍ରିୟା ନନ୍ଦି ଧନ୍ୟବାଦ ଅର୍ପଣ କରିଥିଲେ।

### ପ୍ରଧାନଶିକ୍ଷକଙ୍କୁ ସେବାନିବୃତ୍ତ ସମ୍ବର୍ଦ୍ଧନା

**ଖଇରା, ୨।୨(ଡି.ଏନ୍.ଏ.):** ବାଲେଶ୍ୱର ଜିଲା ଖଇରା ବ୍ଲକ କଇଥଗଡ଼ିଆ ପଞ୍ଚାୟତ ଅଧୀନ ବଇଁଚଖୁଣ୍ଟା ପ୍ରାଥମିକ ବିଦ୍ୟାଳୟର ପ୍ରଧାନଶିକ୍ଷକ ତଥା ପ୍ରାଥମିକ ଶିକ୍ଷକ ସଂଘର ପ୍ରାକ୍ତନ ସଭାପତି କମଳଲୋଚନ ଜେନାଙ୍କୁ ଶୁକ୍ରବାର ବିଦ୍ୟାଳୟ ପରିସରରେ ସେବା ନିବୃତ୍ତ ସମ୍ବର୍ଦ୍ଧନା ଜ୍ଞାପନ କରାଯାଇଛି। ପରିଚାଳନା ବୋର୍ଡ ସଭାପତି ରଶ୍ମିକାନ୍ତ ପଣ୍ଡା ଏଥିରେ ସଭାପତିତ୍ୱ କରିଥିଲେ। ଗୋଷ୍ଠୀ ଶିକ୍ଷାଧିକାରୀ ଧରଣୀଧର ପାତ୍ର ମୁଖ୍ୟଅତିଥି ଭାବେ ଯୋଗ ଦେଇ ପ୍ରଧାନଶିକ୍ଷକ ଜେନା ଦୀର୍ଘଦିନ ଶିକ୍ଷକ ନେତା ଭାବେ କ୍ରମାଗତ ବିଜୟୀ ହୋଇ ଶିକ୍ଷକଙ୍କମାନଙ୍କ ପାଇଁ ଲଢେଇ କରି ସେମାନଙ୍କ ହୃଦୟରେ ରହିପାରିଛନ୍ତି ବୋଲି ପ୍ରକାଶ କରିଥିଲେ। ଅତିରିକ୍ତ ଶିକ୍ଷାଧିକାରୀ ଶ୍ରୀଧର ବେହେରା ଓ ଗୋଲକ ବିହାରି ପାଢୀ, ବିଭିନ୍ନ ଶିକ୍ଷକ ସଂଘର କର୍ମକର୍ତ୍ତା କୈଳାସ ଚନ୍ଦ୍ର ବେହେରା, ଚିତ୍ତରଞ୍ଜନ ମହାପାତ୍ର, ଗୋବିନ୍ଦ ଚନ୍ଦ୍ର ପଣ୍ଡା, ଲମ୍ବୋଦର ଦାସ, ଦାମୋଦର ସେଣ୍ଡ, ସୁଦର୍ଶନ ସେଠୀ, ଜନର୍ଦ୍ଦନ ସାମଲ, ରଞ୍ଜନ କୁମାର ମହଲା, ସନ୍ତୋଷ କୁମାର ଦକ୍ଷିଣରାୟ, ସିଆରସିସି ଲକ୍ଷ୍ମଣ କୁମାର ସେନ, ମୁଖ୍ୟ କିରାଣି ବିଶ୍ୱନାଥ ମହାନ୍ତି, ୱାର୍ଡସଭ୍ୟ ସୁନ୍ଦର ପରିଡା ପ୍ରମୁଖ ସମ୍ମାନନୀୟ ଅତିଥି ଭାବେ ଯୋଗ ଦେଇଥିଲେ। ପରେ ଛାତ୍ରୀଛାତ୍ର ଏବଂ ଗ୍ରାମବାସୀଙ୍କ ତରଫରୁ ଉପଢୌକନ ଓ ଉତ୍ତରୀୟ ପ୍ରଦାନ କରାଯାଇଥିଲା।

# ଜେଲ୍ କର୍ତ୍ତୃପକ୍ଷଙ୍କ ଉପସ୍ଥିତିରେ ପଡ଼ିଲା ହାତଗଣ୍ଠି

**ଜେଲ୍‌ରୁ ପ୍ରେମିକଙ୍କୁ ମୁକୁଳାଇବାକୁ ପ୍ରେମିକାଙ୍କ ନିଷ୍ପତ୍ତି**

**ବାଲେଶ୍ୱର ଅଫିସ,୨।୨**

ପ୍ରତାରଣା ଅଭିଯୋଗରେ ବାଲେଶ୍ୱର ଜିଲା କାରାଗାରରେ ଦଣ୍ଡ ଭୋଗୁଥିବା ପ୍ରେମିକଙ୍କୁ ମୁକୁଳାଇବା ପାଇଁ ପ୍ରେମିକା ବିବାହ ନିଷ୍ପତ୍ତି ନେଇଥିଲେ। ଉଭୟ ପରିବାରଙ୍କ ସମ୍ମତି ଏବଂ କୋର୍ଟର ନିର୍ଦ୍ଦେଶରେ କାରାଗାର ପରିସରରେ ଶନିବାର ସନ୍ଧ୍ୟାରେ ପ୍ରେମୀ ଯୁଗଳଙ୍କ ବିବାହ ଅନୁଷ୍ଠିତ ହୋଇଛି। ଜେଲର ସୁପରିଣ୍ଟେଣ୍ଡେଣ୍ଟ ଓ ଜେଲରଙ୍କ ତତ୍ତ୍ୱାବଧାନରେ ଏହି ବିବାହ ଅନୁଷ୍ଠିତ ହୋଇଥିଲା। ଜେଲ ସୁପରିଣ୍ଟେଣ୍ଡଙ୍କ ଏପରି କାର୍ଯ୍ୟକୁ ସାଧାରଣରେ ପ୍ରଶଂସା କରାଯାଉଛି।

ରୂପ୍‌ସା ଥାନା ଅନ୍ତର୍ଗତ ଲଛମନଖୁଣ୍ଟା ଗ୍ରାମର ଜଗବନ୍ଧୁ ଦାସଙ୍କ ଝିଅ ବେଙ୍ଗୀ (୨୦)ଙ୍କୁ ମୟୂରଭଞ୍ଜ ଜିଲା ବୈଶିଙ୍ଗା ଥାନା ଖଡ଼ିକାପଦା ଗ୍ରାମର ବିକାଶ ଦାସ (୨୫) ବିବାହ ପ୍ରତିଶ୍ରୁତି ଦେଇ ପ୍ରାୟ ୧ବର୍ଷ ହେବ ଶାରୀରିକ ସମ୍ପର୍କ ରଖି ଆସୁଥିଲେ। ମାତ୍ର ପରେ କୌଣସି କଥାରେ ଉଭୟଙ୍କ ମଧ୍ୟରେ ମନୋମାଳିନ୍ୟ ହେବାରୁ ଏନେଇ ରୂପ୍‌ସା ଥାନାରେ ମାମଲା (ନଂ. ୯୨/୨୦୧୯) ରୁଜୁ ହୋଇଥିଲା। ଗତ ଡିସେମ୍ବର ୭ ତାରିଖରେ ବିକାଶଙ୍କୁ ଗିରଫ କରାଯାଇ କୋର୍ଟଚାଲାଣ କରାଯାଇଥିଲା। କୋର୍ଟରେ ସ୍ୱତନ୍ତ୍ର ମାମଲା (ନଂ. ୧୮୪/୨୦୧୯) ରୁଜୁ ହେବା ସହ ବିକାଶଙ୍କୁ ବାଲେଶ୍ୱର ଜେଲ ହାଜତକୁ ପଠାଇ ଦିଆଯାଇଥିଲା। ମାତ୍ର ବେଙ୍ଗୀଙ୍କ ପରିବାର ଏବଂ ବିକାଶଙ୍କ ପରିବାର ମଧ୍ୟରେ ଗ୍ରାମରେ ବୈଠକ ବସି ଉକ୍ତ ମାମଲାର ସମାଧାନ ସହ ବିବାହ କରାଇବାର ସିଦ୍ଧାନ୍ତ ହୋଇଥିଲା। କୋର୍ଟଙ୍କୁ ବିବାହ ପାଇଁ ଅନୁମତି ପ୍ରାର୍ଥନା କରିବାରୁ ବିଚାରପତି ଗତ ଡିସେମ୍ବର ୨୩ତାରିଖରେ ମଞ୍ଜୁର କରିଥିଲେ। ପୁଣି ଡିଜିପି ସନ୍ତୋଷ କୁମାର ଉପାଧ୍ୟାୟଙ୍କ ଅନୁମତି ମଗାଯାଇଥିଲା, ଯାହା ଗତ ଜାନୁୟାରୀ ୨୨ତାରିଖରେ ମଞ୍ଜୁର ହୋଇଥିଲା। ପୁଣି କୋର୍ଟଙ୍କୁ ଫେବୃୟାରୀ ୧ତାରିଖ ବିବାହ ପାଇଁ ଗତ ଜାନୁୟାରୀ ୩୧ରେ ଅନୁମତି ମଗାଯାଇଥିଲା। ବିଚାରପତିଙ୍କ ମଞ୍ଜୁର ପରେ ଉଭୟଙ୍କ ବିବାହ ଜେଲ ମଧ୍ୟରେ ହିନ୍ଦୁ ବିବାହ ଆଇନ ଅନୁସାରେ ଅନୁଷ୍ଠିତ ହୋଇଛି। ରାଜାବଗିଚା ରାଧାକୃଷ୍ଣ ମନ୍ଦିର ତରଫରୁ ଏହି ବିବାହ ରେଜିଷ୍ଟ୍ରେଶନ କରାଯାଇଛି। ଯାହାର ସାର୍ଟିଫିକେଟ୍ (ନଂ. ୧୯୮/୧।୨।୨୦୨୦) ଓ ରସିଦ୍ (ନଂ. ୬୮୭) ଅଟେ। ଏହି ବିବାହରେ ଆଇନଜୀବୀ ପ୍ରଶାନ୍ତ କୁମାର ନନ୍ଦ ମୁଖ୍ୟ ଭୂମିକା ଗ୍ରହଣ କରିଥିଲେ। ବିଶିଷ୍ଟ ସମାଜସେବୀ ତଥା ଭାଜପା ନେତା ପର୍ଶୁରାମ ବେହେରା କନ୍ୟାଦାନ କରିଥିବା ବେଳେ ସଦର ବିଧାୟକ ମଦନ ମୋହନ ଦତ୍ତ ନବଦମ୍ପତିଙ୍କୁ ଆଶୀର୍ବାଦ ଦେଇଥିଲେ। ଭାଜପା ମିଡ଼ିଆ ସଂଯୋଜକ ଗୌରାଙ୍ଗ ଦାସ କାର୍ଯ୍ୟକ୍ରମରେ ସହଯୋଗ କରିଥିଲେ। ବିବାହ ସମୟରେ ଉଭୟଙ୍କ ପରିବାର ପକ୍ଷରୁ ପ୍ରାୟ ୪୦ରୁ ୫୦ ଲୋକ ଉପସ୍ଥିତ ଥିଲେ। ତେବେ ଆଇନ ଅନୁଯାୟୀ ବିକାଶ ଖୁବ୍‌ଶୀଘ୍ର ଜେଲରୁ ବାହାରିବେ ବୋଲି ଜଣାପଡ଼ିଛି।



ଜିଲା କାରାଗାର ସମ୍ମୁଖରେ ବିଧାୟକଙ୍କ ସମେତ ବହୁ ବିଶିଷ୍ଟ ବ୍ୟକ୍ତି କନ୍ୟାଙ୍କୁ ଆଶୀର୍ବାଦ ଦେଉଛନ୍ତି।




(କ୍ରମେ ଲୋକମୁଖରୁ ଓ ଜନମାନସରୁ ବିସ୍ମୃତ ହେଉଥିବା ଢଗଢମାଳିକୁ ପାଠିକା-ପାଠକଙ୍କ ନିକଟରେ ପହଞ୍ଚାଇବା ସକାଶେ ଧରିତ୍ରୀର ପ୍ରୟାସ)

**ଧର୍ମରେ ପୃଥ୍ୱୀ ଆତଯାତ**
**ଧର୍ମରେ ସିନ୍ଧୁରେ ଚାଲେ ବୋଇତ**
**ଧର୍ମରେ ସମୁଦ୍ର ନ ଲଙ୍ଘେ କୂଳ**
**ଧର୍ମରେ ଇନ୍ଦ୍ର ବରଷନ୍ତି ଜଳ**
**ଧର୍ମରୁ ରାମଚନ୍ଦ୍ର ଲଙ୍କା କଲେ ଜୟ**
**ଅଧର୍ମରୁ ରାବଣ ବଂଶ ହେଲା କ୍ଷୟ ।**

ଧର୍ମରେ ପୃଥିବୀ ଚିର ଚଞ୍ଚଳମନା। ଧର୍ମ ଏକମାତ୍ର ସ୍ଥାୟୀ। ଏହା ସତ୍ୟ ଉପରେ ଆଧାରିତ। ଯିଏ ଧର୍ମ ପଥରେ ଚାଲେ ତା'ର ବିଜୟ ସୁନିଶ୍ଚିତ। ଅଧର୍ମ ବାଟରେ ଗଲେ ପରାଜୟ, ବିନାଶ ହେବା ଥୟ। ସଂସାରରେ ଧର୍ମର ପ୍ରଭାବ ଯୋଗୁ ଅଧର୍ମର ବିଲୋପ ଘଟିଥାଏ ବୋଲି ଏଠାରେ ବର୍ଣ୍ଣନା କରାଯାଇଛି।

**ଧର, ବାନ୍ଧ, ପକା**
**ଏ ତିନି କଥା ଏକା ।**

ପନ୍ଥା ଭିନ୍ନ, କିନ୍ତୁ ଉଦ୍ଦେଶ୍ୟ ଏକ। ବ୍ୟକ୍ତିକୁ ଧରିବା, ବାନ୍ଧିବା କିମ୍ବା ତଳେ ପକାଇ ମାଡ଼ିବସିବା ଏସବୁ ଏକ ପ୍ରକାରର କଥା ହୋଇଥିବା ଅର୍ଥରେ ଏଭଳି ଉକ୍ତି ପ୍ରକାଶ କରାଯାଇଛି।

ଓଡ଼ିଆ ଢଗଢମାଳି ଓ ରୂଢ଼ି ପ୍ରୟୋଗ
-ଏ.କେ. ମିଶ୍ର ପବ୍ଲିଶର୍ସ ପ୍ରା.ଲି.

# ଆଚରଣ, ଉଚ୍ଚାରଣ ପ୍ରତି ସଚେତନ ରହିବା ଜରୁରୀ

**ଜଳେଶ୍ୱର, ୨।୨(ସ୍ୱ.ପ୍ର.)**

ଓଡ଼ିଶାର ଉପାନ୍ତ ଓ ପଶ୍ଚିମବଙ୍ଗ ସୀମାନ୍ତରେ ଥିବା ଆମ୍ବଲିଅଠା ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିର ୬ଷ୍ଠ ବାର୍ଷିକ ଉତ୍ସବ ପାଳିତ ହୋଇଯାଇଛି। ଉତ୍ସବକୁ ଜଳେଶ୍ୱର ବିଇଓ ବିଜୟ କୁମାର ନାଥ ଉଦ୍‌ଘାଟନ କରି ପ୍ରତ୍ୟେକଙ୍କ ଆଚରଣ ଓ ଉଚ୍ଚାରଣ ଓ ସଂସ୍କାର ପ୍ରତି ସଚେତନ ରହିଲେ ଶିକ୍ଷାର ମୂଳ ଉଦ୍ଦେଶ୍ୟ ସାଧିତ ହୋଇପାରିବ।

ବିଦ୍ୟାଳୟ ସମ୍ପାଦକ ରବିନାରାୟଣ ପାତ୍ରଙ୍କ ସଭାପତିତ୍ୱରେ ଅତିଥି ସିଆର୍‌ସିସି ପଙ୍କଜ କୁମାର ଜେନା ଯୋଗ ଦେଇଥିଲେ। ଆୟୋଜିତ ପୁରସ୍କାର ବିତରଣ ସଭାରେ ପ୍ରଧାନ ଆଚାର୍ଯ୍ୟା ବାସନ୍ତୀ ପ୍ରଧାନ ସଭାପତିତ୍ୱ କରି ସ୍ୱାଗତଭାଷଣ ଦେଇଥିଲେ। ମୁଖ୍ୟଅତିଥି ଭାବେ ଅଧ୍ୟାପକ ନୀଳକଣ୍ଠ ଖଣ୍ଡା ଯୋଗଦେଇ ଛାତ୍ରୀଛାତ୍ରଙ୍କର ପ୍ରଚେଷ୍ଟା ଜାରି ରହିଲେ ସଫଳତା ମିଳିପାରିବ ବୋଲି କହିଥିଲେ। ମୁଖ୍ୟବକ୍ତା ଭାବେ ସମାଜସେବୀ ସୁବାସିନୀ ଜେନା ଯୋଗଦେଇ ସୁସ୍ଥ ମାନସିକତା ଓ ଇଚ୍ଛାଶକ୍ତି ରହିଲେ ବଡ଼ କିମ୍ବା ଭଲ ମଣିଷ ସୃଷ୍ଟି ହେବାରେ ବାଧକ ସୃଷ୍ଟି ହେବନାହିଁ ବୋଲି କହିଥିଲେ। ସମ୍ମାନନୀୟ ଅତିଥି ଭାବେ ବିଦ୍ୟାଳୟ ପ୍ରତିଷ୍ଠାତା ଅବସରପ୍ରାପ୍ତ ଶିକ୍ଷକ ଗୌରାଙ୍ଗ ପାତ୍ର, ବରିଷ୍ଠ ଖବରଦାତା ଅବନୀ କୁମାର ଚନ୍ଦ, ସିଆର୍‌ସିସି ମାଖନଲାଲ ବେରା, ବିଦ୍ୟାଳୟର ଉପଦେଷ୍ଟା ସୁକୁମାର ରଣା, ସମାଜସେବୀ ସପନ କୁମାର ଜେନା ସାମ୍ପ୍ରତିକ ସମାଜରେ ଚାଲିଥିବା ଶିକ୍ଷାୟତନ ଶିକ୍ଷାରେ ବେସରକାରୀ ସ୍କୁଲଗୁଡ଼ିକର ସଫଳତା, ସରକାରୀ ବିଦ୍ୟାଳୟ ପ୍ରତି ଏକ ଆହ୍ୱାନ ବୋଲି କହିଥିଲେ। ଆଚାର୍ଯ୍ୟ ଶାନ୍ତନୁ ଦେ ମଞ୍ଚ ଆହ୍ୱାନ, ମଞ୍ଚ ପରିଚାଳନା, ସାଂସ୍କୃତିକ ମଞ୍ଚ ପରିଚାଳନା କରିଥିବା ବେଳେ ଅନୁରାଧା ପ୍ରଧାନ ବିବରଣୀ ପାଠ କରିଥିଲେ। ଆଚାର୍ଯ୍ୟ ଅଜୟ କୁମାର ଚାନ୍ଦ, ଅଭିଜିତ୍ ଜେନା, ରୀତାରାଣୀ ସେନାପତି, ରଞ୍ଜିତା ମହାନ୍ତି, ମମତା ସ୍ୱାଇଁ, ବିଦ୍ୟୁତ୍ ପ୍ରଭା ଦାସ, ସୁକାନ୍ତି ନନ୍ଦୀ, ରିତା ଜେନା ପ୍ରମୁଖ ପରିଚାଳନା କରିଥିଲେ। ଅପରାହ୍ନରେ ଛାତ୍ରୀଛାତ୍ରଙ୍କ ଦ୍ୱାରା ରଙ୍ଗାରଙ୍ଗ କାର୍ଯ୍ୟକ୍ରମ ହେବା ସହିତ କ୍ଷୁଦ୍ରନାଟକ ପରିବେଷଣ ଦର୍ଶକଙ୍କୁ ବିମୋହିତ କରିଥିଲା। ଶେଷରେ କୃତି ଛାତ୍ରୀଛାତ୍ରମାନଙ୍କୁ ପୁରସ୍କାର ବିତରଣ କରାଯାଇଥିଲା। ଅବସରପ୍ରାପ୍ତ ବରିଷ୍ଠ ଶିକ୍ଷକ ଯତିନ୍ଦ୍ର ନାଥ ଦେଙ୍କୁ ମଞ୍ଚରେ ସମ୍ବର୍ଦ୍ଧିତ କରାଯାଇଥିଲା।



ବିଦ୍ୟାମନ୍ଦିରର ୬ଷ୍ଠ ତମ ବାର୍ଷିକ ଉତ୍ସବରେ ମଞ୍ଚାସୀନ ଅତିଥିଗଣ।

## ଚନ୍ଦନେଶ୍ୱର ମହାବିଦ୍ୟାଳୟର ବାର୍ଷିକ ଉତ୍ସବ

**ଭୋଗରାଇ, ୨।୨(ଡି.ଏନ.ଏ.)**

ଛାତ୍ରୀଛାତ୍ରମାନେ ମହାପୁରୁଷଙ୍କ ଜୀବନ ଆଦର୍ଶରୁ ଶିକ୍ଷା ଗ୍ରହଣ ଆଗେଇ ଆସନ୍ତୁ ବୋଲି ଶନିବାର ବାରବାଟିଆ ଚନ୍ଦନେଶଶ୍ୱର ମହାବିଦ୍ୟାଳୟର ୨୮ତମ ବାର୍ଷିକ ଉତ୍ସବରେ ବିଶିଷ୍ଟ ଅତିଥିମାନେ ମତପ୍ରକାଶ କରିଛନ୍ତି।

ମହାବିଦ୍ୟାଳୟ ଅଧ୍ୟକ୍ଷ ଜୟକୃଷ୍ଣ ଦତ୍ତଙ୍କ ପୌରୋହିତ୍ୟରେ ଅଧ୍ୟାପକ ପ୍ରଦୀପ କୁମାର ପରିଡ଼ା ବାର୍ଷିକ ଉତ୍ସବର ଲକ୍ଷ୍ୟ ଓ ଉଦ୍ଦେଶ୍ୟ ସମ୍ପର୍କରେ ମତବ୍ୟକ୍ତ କରିଥିବା ବେଳ ଅଧ୍ୟାପକ ପ୍ରଶାନ୍ତ କୁମାର ଖଟୁଆ ବାର୍ଷିକ ବିବରଣୀ ପାଠ କରିଥିଲେ। ମୁଖ୍ୟଅତିଥି ଭାବେ ଜିଲା ଯୋଜନା କମିଟିର ଅଧ୍ୟକ୍ଷ ତଥା ବିଧାୟକ ଅନନ୍ତ ଦାସ, ମୁଖ୍ୟବକ୍ତା ଭାବେ ସ୍ତମ୍ଭକାର ସତ୍ୟଶିବ ଦାସ, ସମ୍ମାନନୀୟ ଅତିଥି ଭାବେ ଶିକ୍ଷାବିତ୍ ଶ୍ରୀନିବାସ ପାତ୍ର, କୃପାସିନ୍ଧୁ ମହାପାତ୍ର, ପୂର୍ବତନ ବ୍ଲକ ଚେୟାରମ୍ୟାନ ଭୁପେଶ ଚନ୍ଦ୍ର ପାତ୍ର, ପୂର୍ବତନ ଜିଲାପରିଷଦ ସଦସ୍ୟ ହେମନ୍ତ କୁମାର ବେହେରା, ଅଧ୍ୟାପକ ଲକ୍ଷ୍ମୀକାନ୍ତ ମିଶ୍ର ଉପସ୍ଥିତ ଥିଲେ। କୃତି ଛାତ୍ରୀଛାତ୍ରମାନଙ୍କୁ ମୁଖ୍ୟଅତିଥି ପୁରସ୍କାର ପ୍ରଦାନ କରିଥିଲେ। ଅଧ୍ୟାପକ କାଳାଚାନ୍ଦ ଦାସ ଧନ୍ୟବାଦ ଦେଇଥିଲେ।



ଉଦ୍‌ଯାପନୀ ଉତ୍ସବରେ ମଞ୍ଚାସୀନ ଅତିଥି।

# ଦକ୍ଷତା ବିକାଶ ଦ୍ୱାରା ରାଷ୍ଟ୍ର ନିର୍ମାଣ ସମ୍ଭବ

**ରୌପ୍ୟ ଜୟନ୍ତୀ ସମାରୋହ ଉଦ୍‌ଯାପିତ**

**ରୂପ୍‌ସା, ୨।୨(ଡି.ଏନ.ଏ.)**

ଛାତ୍ରୀଛାତ୍ରଙ୍କ ମାନସିକ ଓ ଶାରୀରିକ ଦକ୍ଷତାର ବିକାଶ ଦ୍ୱାରା ରାଷ୍ଟ୍ର ନିର୍ମାଣ ସମ୍ଭବ। ଏଥିପାଇଁ ଉଭୟ ଶିକ୍ଷକ ଓ ଅଭିଭାବକଙ୍କର ଭୂମିକା ଗୁରୁତ୍ୱପୂର୍ଣ୍ଣ ବୋଲି ସଦର ବ୍ଲକ ସୋଲପଟା ଉଚ୍ଚ ବିଦ୍ୟାଳୟର ରୌପ୍ୟ ଜୟନ୍ତୀ ସମାରୋହ ଉଦ୍‌ଯାପନୀ ଉତ୍ସବରେ ମୁଖ୍ୟବକ୍ତା ଭାବେ ଫକୀରମୋହନ ମହାବିଦ୍ୟାଳୟର ଅଧ୍ୟାପିକା ସୁକୀର୍ତ୍ତି କର ମତବ୍ୟକ୍ତ କରିଛନ୍ତି। ବ୍ଲକ ଚେୟାରମ୍ୟାନ ନାରାୟଣ ପ୍ରଧାନ ଏହି ଉତ୍ସବରେ ଅଧ୍ୟକ୍ଷତା କରିଥିଲେ। ମୁଖ୍ୟଅତିଥି ଭାବେ ପୂର୍ବତନ ଏମ୍‌ପି ଇଂ. ରବୀନ୍ଦ୍ର କୁମାର ଜେନା ଯୋଗଦେଇ ଉତ୍ସବକୁ ଉଦ୍‌ଘାଟନ କରିଥିଲେ। ସମ୍ମାନନୀୟ ଅତିଥି ଭାବେ ପୂର୍ବତନ ବିଧାୟକ ଜୀବନ ପ୍ରଦୀପ ଦାଶ, ପୂର୍ବତନ ଜିଲାପରିଷଦ ସଭ୍ୟ ବରଦା ପ୍ରସନ୍ନ ପଟ୍ଟନାୟକ, ଆଇନଜୀବୀ ବିନୋଦ କୁମାର ପାଣି ଓ ଗୌର ଚନ୍ଦ୍ର ବାରିକ, ପ୍ରତିଷ୍ଠାତା ସମ୍ପାଦକ ଗୌରାଙ୍ଗ ବେହେରା, ପ୍ରଧାନଶିକ୍ଷକ କରୁଣାକର ପାତ୍ର ପ୍ରମୁଖ ମଞ୍ଚାସୀନ ହୋଇ ବକ୍ତବ୍ୟ ରଖିଥିଲେ। କାର୍ଯ୍ୟକାରୀ ସଭାପତି ଉପେନ୍ଦ୍ର ନାଥ ନାୟକ ବାର୍ଷିକ ବିବରଣୀ ପାଠ କରିଥିଲେ। ପୁରାତନ ଛାତ୍ର ସଂସଦ ସହ ସାଂସ୍କୃତିକ ସମ୍ପାଦକ ମାନସ କୁମାର ଜାନାଙ୍କ ସଭାପତିତ୍ୱରେ ସକାଳ ଅଧିବେଶନ ଅନୁଷ୍ଠିତ ହୋଇଥିଲା। ମୁଖ୍ୟଅତିଥି ଭାବେ ଉପଜିଲାପାଳ ନିଲୁ ମହାପାତ୍ର, ସମ୍ମାନନୀୟ ଅତିଥି ଭାବେ ଜିଲାପରିଷଦ ସଭ୍ୟା ଶ୍ରୀମତି ପଟ୍ଟନାୟକ, ସମାଜସେବୀ ଭାସ୍କର ଜେନା ଓ ସୁଧାଂଶୁ ଶେଖର ଜେନା ପ୍ରମୁଖ ଯୋଗଦେଇ ରାଷ୍ଟ୍ର ପ୍ରତି ଯୁବଗୋଷ୍ଠୀଙ୍କ ନୈତିକ କର୍ତ୍ତବ୍ୟ ସମ୍ପର୍କରେ ଉଦ୍‌ବୋଧନ ଦେଇଥିଲେ। ଛାତ୍ର ସଂସଦ ସଭାପତି ଅରୁଣ କୁମାର ନାୟକ, ସାଧାରଣ ସମ୍ପାଦକ ଗୋବିନ୍ଦ ଚନ୍ଦ୍ର ପ୍ରଧାନ, ସହସମ୍ପାଦକ ଅମୟ କୁମାର ଦାସ, ଉପସଭାପତି ଶ୍ରୀନିବାସ ରାଉତ, ଶତ୍ରୁଘ୍ନ ବେହେରା ଓ ସଞ୍ଜୟ କୁମାର ପ୍ରଧାନଙ୍କ ତତ୍ତ୍ୱାବଧାନରେ ପ୍ରତିଭାବାନ ଶିକ୍ଷକ ଓ ଛାତ୍ରଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ଶେଷରେ ମେଲୋଡ଼ି କାର୍ଯ୍ୟକ୍ରମ ଦେଖିବାକୁ ଭିଡ଼ ହୋଇଥିଲା।



ଜଳେଶ୍ୱର ମହୋତ୍ସବର ୫ମ ସନ୍ଧ୍ୟାରେ ଅତିଥି।

# ଜଳେଶ୍ୱର ମହୋତ୍ସବର ୫ମ ସନ୍ଧ୍ୟା

**ଜଳେଶ୍ୱର, ୨।୨(ଡି.ଏନ.ଏ./ସ୍ୱ.ପ୍ର.)**

ଜଳେଶ୍ୱର ମହୋତ୍ସବର ୫ମ ସନ୍ଧ୍ୟାରେ ବରିଷ୍ଠ ଆଇନଜୀବୀ ନିତ୍ୟଗୋପାଳ ଦାସଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସଭାରେ ମୁଖ୍ୟଅତିଥି ଭାବେ ଓଡ଼ିଶା ମାନବିକ ଅଧିକାର କମିଶନର ସଦସ୍ୟ ଅସୀମ ଅମିତାଭ ଦାସ, ମୁଖ୍ୟବକ୍ତା ଭାବେ ବାଲେଶ୍ୱର ଉପଜିଲାପାଳ ନୀଲୁ ମହାପାତ୍ର, ସମ୍ମାନିତ ଅତିଥି ଭାବେ ଜଳେଶ୍ୱର ସିଭିଲ ଜଜ୍ (ସିନିୟର ଡିଭିଜନ) ଇନ୍ଦିରା ପ୍ରିୟଦର୍ଶିନୀ ପ୍ରମୁଖ ଯୋଗଦେଇ ବକ୍ତବ୍ୟ ଦେଇଥିଲେ।

ଅଜିତ ମହାନ୍ତି ମଞ୍ଚ ଆମନ୍ତ୍ରଣ କରିଥିବା ବେଳେ ସୁଶାନ୍ତ କୁମାର ଦାସ ଧନ୍ୟବାଦ ଅପର୍ଣ କରିଥିଲେ। ଏହି ଅବସରରେ ରୋଟାରାକ୍ଟ କ୍ଲବ ପକ୍ଷରୁ ଆୟୋଜିତ ଶ୍ରେଷ୍ଠ ଭାଗ୍ୟବାନ ଦମ୍ପତି ପ୍ରତିଯୋଗିତାରେ ଶାଳିକୋଠା ଗ୍ରାମର ବିଶ୍ୱମ୍ଭର ଏବଂ ପ୍ରତିଭାଙ୍କୁ ଭାଗ୍ୟବାନ ଦମ୍ପତି ଭାବେ ସମ୍ବର୍ଦ୍ଧିତ କରାଯାଇଥିଲା। କ୍ଲବର ସଭାପତି ସେକ ହାସିରୁଦ୍ଦିନ ବକ୍ସ ଓ ସମ୍ପାଦକ ନିହାର ଖୁଣ୍ଟିଆ ଏହି କାର୍ଯ୍ୟକ୍ରମକୁ ପରିଚାଳନା କରିଥିଲେ।

## ପରଲୋକରେ ପାଲା ଗାୟକ

**ରୂପ୍‌ସା, ୨।୨(ଡି.ଏନ.ଏ.)**

ବାଲେଶ୍ୱର ଜିଲା ରୂପ୍‌ସା ଥାନା ରାଉତପଡ଼ା ପଞ୍ଚାୟତ ଅନ୍ତର୍ଗତ ବାରାପାଳ ଗ୍ରାମର ବିଶିଷ୍ଟ ପାଲା ଗାୟକ ତଥା ବାଦ୍ୟକାର ଉପେନ୍ଦ୍ର ବାରିକଙ୍କର ରବିବାର ମୃତ୍ୟୁ ଘଟିଛି। ମୃତ୍ୟୁବେଳକୁ ତାଙ୍କୁ ୭୦ବର୍ଷ ହୋଇଥିଲା। ସେ ଦୀର୍ଘଦିନ ଧରି ବାର୍ଦ୍ଧକ୍ୟଜନିତ ରୋଗରେ ପୀଡ଼ିତ ହୋଇ ଚିକିତ୍ସାଧିନ ଥିଲେ। ମୃତ୍ୟୁ ଶଯ୍ୟା ନିକଟରେ ତାଙ୍କର ଦୁଇପୁଅ ମାଧବ, ମନମୋହନଙ୍କ ସମେତ ପୁତ୍ରବଧୂ, ନାତିନାତୁଣୀ ଉପସ୍ଥିତ ଥିଲେ। ତାଙ୍କ ମୃତ୍ୟୁରେ ରୂପ୍‌ସା କଳାକାର ସଂଘ ସମେତ ସ୍ଥାନୀୟ ଅଞ୍ଚଳରେ ଗଭୀର ଶୋକର ଛାୟା ଖେଳି ଯାଇଛି। ଗ୍ରାମବାସୀ ଓ ପରିବାରବର୍ଗଙ୍କ ଉପସ୍ଥିତିରେ ଗାଁ ଶ୍ମଶାନରେ ସ୍ୱର୍ଗତ ବାରିକଙ୍କର ଅନ୍ତେଷ୍ଟିକ୍ରିୟା ସମ୍ପନ୍ନ କରାଯାଇଛି।

# ଅନୁକୂଳ ଚନ୍ଦ୍ରଙ୍କ ଜନ୍ମ ମହୋତ୍ସବ

**ଖଇରା,୨।୨(ଡି.ଏନ.ଏ.):** ବାଲେଶ୍ୱର ଜିଲା ଖଇରା ବ୍ଲକ ଅଧୀନ ଡୁଙ୍ଗୁରା ସ୍ଥିତ ସତସଙ୍ଗ କେନ୍ଦ୍ର ପରିସରରେ ଶନିବାର ଠାକୁର ଅନୁକୂଳ ଚନ୍ଦ୍ରଙ୍କର ୧୩୨ତମ ଜନ୍ମ ମହୋତ୍ସବ ଦିବସବ୍ୟାପି ବିଭିନ୍ନ କାର୍ଯ୍ୟକ୍ରମ ମଧ୍ୟରେ ଅନୁଷ୍ଠିତ ହୋଇଯାଇଛି। ସକାଳେ ବେଦ ମାଙ୍ଗଳିକ, ଜାଗରଣୀ, ଉଷାବିନତୀ, ସମବେତ ନାମଜପ, ଅମୀୟ ଗ୍ରନ୍ଥପାଠ, ସଙ୍ଗୀତାଞ୍ଜଳି ଓ ସଂକୀର୍ତ୍ତନ ଶୋଭାଯାତ୍ରାର ଆୟୋଜନ କରାଯାଇଥିଲା। ଏହି ଅବସରରେ ଆୟୋଜିତ ସଦାଲୋଚନାରେ କେନ୍ଦ୍ରାପଡାରୁ ଆସିଥିବା ସହପ୍ରତିରତିକ ଡା ସରୋଜ କୁମାର ମହାନ୍ତି ମୁଖ୍ୟଅତିଥି ଭାବେ ଯୋଗ ଦେଇଥିଲେ। ଠାକୁର ଅନୁକୂଳ ଚନ୍ଦ୍ରଙ୍କର ପ୍ରତ୍ୟେକ ବାଣୀ ଅତ୍ୟନ୍ତ ମହତ୍ୱପୂର୍ଣ୍ଣ। ବ୍ୟକ୍ତି ଏହାକୁ ଅନୁସରଣ କଲେ ଚଲାପଥ ସୁଗମ ହୋଇପାରିବ ବୋଲି ଆଲୋକପାତ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ସମିର ଦେ, ଗୋକୁଳାନନ୍ଦ ମହାନ୍ତି, ମୁକୁନ୍ଦ କୁମାର ସାହୁ, ରବିନାରାୟଣ ମିଶ୍ର ପ୍ରମୁଖ ଠାକୁରଙ୍କ ଜୀବନୀ ଉପରେ ଭାବଗର୍ଭକ ବାଣୀ ଶୁଣାଇଥିଲେ। ପରେ ମାତୃ ସମ୍ମିଳନୀ ଅନୁଷ୍ଠିତ ହୋଇଥିଲା। ୩୦ଜଣରୁ ଅଧିକ ସତ୍‌ମନ୍ତ୍ରରେ ଦୀକ୍ଷିତ ହୋଇଥିଲେ। ୪ ହଜାରରୁ ଉର୍ଦ୍ଧ୍ୱ ସତସଙ୍ଗ ଭାଇ ଏଥିରେ ଯୋଗ ଦେଇଥିଲେ।



ଜନ୍ମ ମହୋତ୍ସବରେ ଯୋଗଦେବାକୁ ଆସିଥିବା ଗୁରୁଭାଇ ଓ ମାତୃମଣ୍ଡଳୀ।

# ଆଇଡିଏଲ୍ ପବ୍ଲିକ ସ୍କୁଲର ବାର୍ଷିକ ଉତ୍ସବ

**ବାଲିଆପାଳ, ୨।୨(ସ୍ୱ.ପ୍ର)**

ବାଲିଆପାଳ ବ୍ଲକର ବାଲିଆପାଳ ଆଇଡ଼ିଏଲ୍ ପବ୍ଲିକ ସ୍କୁଲର ବାର୍ଷିକ ଉତ୍ସବ ପାଳିତ ହୋଇଯାଇଛି। ବିଦ୍ୟାଳୟ ଅଧ୍ୟକ୍ଷ ଉମେଶ ଚନ୍ଦ୍ର ରାଉତଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ସଭାରେ ସମାଜସେବୀ ସୁବାସିନୀ ଜେନା ମୁଖ୍ୟଅତିଥି ଭାବରେ ଯୋଗଦେଇ ପିଲାମାନଙ୍କର ଭବିଷ୍ୟତ ଗଠନରେ ପିଲାମାନଙ୍କର ଅଧ୍ୟବସାୟ ସହିତ ପ୍ରଚେଷ୍ଟା ଆବଶ୍ୟକ ରହିଛି ବୋଲି ମତ ପ୍ରକାଶ କରିଥିଲେ। ବାଲିଆପାଳ ଗୋଷ୍ଠୀ ଶିକ୍ଷାଧିକାରୀ ନାରାୟଣ ଦାସ ମୁଖ୍ୟବକ୍ତା ଭାବେ ଯୋଗଦେଇ ପିଲାମାନଙ୍କୁ ଭଲ ମଣିଷ କରିବା ପାଇଁ ଉଭୟ ମାତାପିତା ଏବଂ ଶିକ୍ଷକମାନଙ୍କର ଗୁରୁତ୍ୱପୂର୍ଣ୍ଣ ଭୂମିକା ରହିଛି ବୋଲି କହିଥିଲେ। ସମ୍ମାନିତ ଅତିଥି ଭାବେ ସୁବର୍ଣ୍ଣରେଖା ମହାବିଦ୍ୟାଳୟ ଅଧ୍ୟକ୍ଷ ତଥା ବିଦ୍ୟାଳୟର ସମ୍ପାଦକ ଡ. ସନ୍ତୋଷ କୁମାର ଦାସ ଯୋଗଦେଇଥିଲେ। ଅଧ୍ୟକ୍ଷ ଉମେଶ ଚନ୍ଦ୍ର ରାଉତ ବାର୍ଷିକ ବିବରଣୀ ପାଠ କରିଥିଲେ। ପିଲାମାନଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ନାଚ, ଗୀତ ପରିବେଷଣ କରାଯାଇଥିଲା। ଅତିଥିମାନଙ୍କ ଦ୍ୱାରା କୃତି ଛାତ୍ରୀଛାତ୍ରଙ୍କୁ ପୁରସ୍କାର ବିତରଣ କରାଯାଇଥିଲା। ସଞ୍ଜୟ କୁମାର ଦେ, ଅନନ୍ତ କୁମାର ବିଶ୍ୱାଳ, ବିଜୟ କୁମାର ସାମଲଙ୍କ ସହିତ ଅନ୍ୟ ସମସ୍ତ ସଦସ୍ୟ ଉପସ୍ଥିତ ଥିଲେ। ବିଜୟଲକ୍ଷ୍ମୀ ମହାନ୍ତି, ସୁଚିସ୍ମିତା ପ୍ରଧାନ, ଶୁଭଶ୍ରୀ ସାହୁ, ଜାଗୃତି ଦାସ ମହାପାତ୍ର, ଅଶୋକ କୁମାର ସାହୁ, ଦେବାଶିଷ ଦାସ, ଶିବେଶ୍ କୁମାର ମହାପାତ୍ରଙ୍କ ସହିତ ଅନ୍ୟ ସମସ୍ତ ଶିକ୍ଷୟିତ୍ରୀଶିକ୍ଷକ ଉପସ୍ଥିତ ରହି କାର୍ଯ୍ୟରେ ସହଯୋଗ କରିଥିଲେ।



ଆଇଡିଏଲ୍ ପବ୍ଲିକ ସ୍କୁଲରେ ବାର୍ଷିକ ଉତ୍ସବରେ ମଞ୍ଚାସୀନ ଅତିଥି।

# ସଂରକ୍ଷଣ କ୍ଷମତା ମହୋତ୍ସବ ଶୁଭାରମ୍ଭ

**ବାଲେଶ୍ୱର ଅଫିସ,୨।୨**

ବାଲେଶ୍ୱର ଗାନ୍ଧୀ ସ୍ମୃତି ଭବନ ସମ୍ମୁଖରେ ତୈଳ ଉଦ୍ୟୋଗ ସଂସ୍ଥା ପକ୍ଷରୁ ରବିବାର ପୂର୍ବାହ୍ନ ୮ଟାରେ ସଂରକ୍ଷଣ କ୍ଷମତା ମହୋତ୍ସବ ୨୦୨୦ ଶୁଭାରମ୍ଭ ହୋଇଛି। କାର୍ଯ୍ୟକ୍ରମରେ ଛାତ୍ରୀଛାତ୍ର, ବିଭିନ୍ନ ସଙ୍ଗଠନର କର୍ମକର୍ତ୍ତାମାନେ ଯୋଗଦେଇ ସଚେତନତାମୂଳକ ପ୍ଲାକାର୍ଡ଼ 'ଆଜିର ଅପବ୍ୟବହାର କାଲିର ଅଭାବ' ଓ 'ଏକ ସୁରକ୍ଷିତ ଭବିଷ୍ୟତ ପାଇଁ ଆଜିଠାରୁ ଇନ୍ଧନ ସଂରକ୍ଷଣ କରିବା'ର ବାର୍ତ୍ତା ନେଇ ସହର ପରିକ୍ରମା କରିଥିଲେ।

ମୁଖ୍ୟଅତିଥି ଭାବେ ସଦର ବିଧାୟକ ମଦନମୋହନ ଦତ୍ତ ଯୋଗଦେଇ ପେଟ୍ରୋଲିୟମର ଅପବ୍ୟବହାର ନ କରି ଏହାର ସଂରକ୍ଷଣ କରିବା ବର୍ତ୍ତମାନ ସମୟର ଆବଶ୍ୟକତା ରହିଛି ବୋଲି ଗୁରୁତ୍ୱାରୋପ କରିଥିଲେ। ମଞ୍ଚାସୀନ ଅତିଥି ଭାବେ ଏଚ୍‌ପିସିଏଲ୍‌ରୁ ଗୁରୁବଂଶଲ ସିଂହ, ବିପିସିଏଲ୍‌ରୁ ସୁଖଲାଲ ମଣ୍ଡଳ ଓ ଆଇଓସିଏଲ୍‌ରୁ ନୀତିଶ ଚୌରାସିଆ ଯୋଗଦେଇ ପେଟ୍ରୋଲିୟମ ସଂରକ୍ଷଣ ବିଷୟରେ ଲୋକମାନଙ୍କୁ ସଜାଗ କରିବା ପାଇଁ ପରିବହନ, ଶିଳ୍ପ, କୃଷି ଏବଂ ଘରୋଇ କ୍ଷେତ୍ରରେ ସରକାରଙ୍କ ଦ୍ୱାରା ବିଭିନ୍ନ ପଦକ୍ଷେପ ନିଆଯାଉଛି, ଯାହା ଦ୍ୱାରା ଇନ୍ଧନର ଦକ୍ଷତା ବୃଦ୍ଧି ହେବ ଏବଂ ପରିବହନ କ୍ଷେତ୍ରରେ ମଧ୍ୟ ବିଭିନ୍ନ ତାଲିମ ଶିବିର ଅନୁଷ୍ଠିତ ହେବ ବୋଲି ମତ ରଖିଥିଲେ। ସରକାର ଅଧୀନ ତୈଳ ଉଦ୍ୟୋଗ ସଂସ୍ଥା ପକ୍ଷରୁ ଆୟୋଜିତ ଏହି ସଚେତନତା କାର୍ଯ୍ୟକ୍ରମଗୁଡ଼ିକ ଆଗାମୀ ପିଢ଼ି ପାଇଁ ସହାୟକ ହେବ। କାର୍ଯ୍ୟକ୍ରମକୁ ଶିରିଶ ମହାନ୍ତି ଓ ହରପ୍ରସାଦ ମହାକୁଡ଼ ପରିଚାଳନା କରିଥିଲେ। ସରକାର ଅଧିନସ୍ଥ ତୈଳ ଉଦ୍ୟୋଗଗୁଡ଼ିକର ପ୍ରତିନିଧି, ଡିଲର ଏବଂ ଏଲ୍‌ପିଜି ଡିଷ୍ଟ୍ରିବ୍ୟୁଟରମାନେ ଏହି ଉତ୍ସବରେ ଭାଗ ନେଇଥିଲେ।




ସଂରକ୍ଷଣ କ୍ଷମତା ମହୋତ୍ସବ କାର୍ଯ୍ୟକ୍ରମରେ ଅତିଥିଙ୍କୁ ସ୍ୱାଗତ।

## ସଂକ୍ଷେପରେ

### ତୈଳ ଓ ଗ୍ୟାସ୍ ସଂରକ୍ଷଣ ସଚେତନତା

**ଭଦ୍ରକ ଅଫିସ,୨।୨:** ସ୍ଥାନୀୟ ନୂଆବଜାର ଗାନ୍ଧୀପଡ଼ିଆଠାରେ ରବିବାର ସଂରକ୍ଷଣ କ୍ଷମତା ମହୋତ୍ସବ ଶୁଭାରମ୍ଭ ହୋଇଛି। ଉଦ୍‌ଘାଟକ ଭାବେ ବିରୋଧୀ ଦଳ ଉପନେତା ତଥା ବିଧାୟକ ବିଷ୍ଣୁ ସେଠୀ ଯୋଗଦେଇ ପେଟ୍ରୋଲିୟମ ଦ୍ରବ୍ୟର ଅପବ୍ୟବହାର ନ କରି ଏହାର ସଂରକ୍ଷଣ ଆବଶ୍ୟକତା ରହିଛି ବୋଲି ପରାମର୍ଶ ଦେଇଥିଲେ। ପେଟ୍ରୋଲିୟମ ସଂରକ୍ଷଣ ବିଷୟରେ ଲୋକଙ୍କୁ ସଜାଗ କରିବା ପାଇଁ ପରିବହନ, ଶିଳ୍ପ, କୃଷି ଏବଂ ଘରୋଇ କ୍ଷେତ୍ରରେ ସରକାରଙ୍କ ଦ୍ୱାରା ବିଭିନ୍ନ ଉଦ୍ୟମ କରାଯାଉଥିବା ସେ କହିଥିଲେ। ଏହିଭଳି ସଚେତନତା କାର୍ଯ୍ୟକ୍ରମ ଆଗାମୀ ପିଢ଼ି ପାଇଁ ଶକ୍ତି ସଂରକ୍ଷଣ କ୍ଷେତ୍ରରେ ନିତାନ୍ତ ଆବଶ୍ୟକ। ଏଣୁ ଯୁବପିଢ଼ି ଇନ୍ଧନ ସଂରକ୍ଷଣ କରିବା ଆବଶ୍ୟକ ବୋଲି କୁହାଯାଇଥିଲା। ଏହି ଅବସରରେ ଛାତ୍ରୀଛାତ୍ର ପ୍ଲାକାର୍ଡ଼ ଧରି ତୈଳ ଓ ଗ୍ୟାସ ସଂରକ୍ଷଣ ନେଇ ସଚେତନତା ସୃଷ୍ଟି କରିଥିଲେ। ସ୍ଥାନୀୟ ବହୁ ଏଲ୍‌ପିଜି ଡିଷ୍ଟ୍ରିବ୍ୟୁଟର କାର୍ଯ୍ୟକ୍ରମରେ ଯୋଗ ଦେଇଥିଲେ। ଆଇଓସିଏଲ୍ ଅଫିସର ସର୍ବେଶ ମୋହନ, ଏଚ୍‌ପିସିଏଲ୍ ସେଲ୍ ଅଫିସର ଆଶିଷ ମିଶ୍ରା ଓ ପିସିଆର୍‌ଏ ଅତଶ୍ୱିନୀ ଜେନା ପ୍ରମୁଖ ଉପସ୍ଥିତ ଥିଲେ।

### ସାଂସ୍କୃତିକ ମହୋତ୍ସବ ଉଦ୍‌ଯାପିତ

**ବନ୍ତ,୨।୨(ଡି.ଏନ.ଏ.):** ବନ୍ତ ବ୍ଲକ ବସନ୍ତିଆ ପଞ୍ଚାୟତ ଉଚ୍ଚ ବିଦ୍ୟାଳୟ ଓ ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ମିଳିତ ସହଯୋଗରେ ଦୁଇଦିନ ଧରି ଚାଲିଥିବା ବାର୍ଷିକ ସାଂସ୍କୃତିକ ମହୋତ୍ସବ ଉଦ୍‌ଯାପିତ ହୋଇଯାଇଛି। ଶିକ୍ଷକ ଆଲୋକ କୁମାର ପ୍ରଧାନଙ୍କ ସଂଯୋଜନାରେ ଛାତ୍ରୀଛାତ୍ରଙ୍କ ମଧ୍ୟରେ ସଙ୍ଗୀତ, ନୃତ୍ୟ, ଏକକ ଅଭିନୟ, ପ୍ରଶ୍ନମଞ୍ଚ, ତର୍କ, ଗ୍ରୁପ୍‌ଡ୍ୟାନ୍ସ, ଲଘୁନାଟିକା ଆଦି ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା। ବିଚାରକ ଭାବେ ପଦ୍ମନାଭ ବେହେରା, ସସ୍ମିତା ମହାନ୍ତି, ସ୍ୱାଗତିକା ମଲ୍ଲିକ, ଅକ୍ଷୟ ସେଠୀ ଓ କଲ୍ୟାଣ କୁମାର ରାଉତରାୟ ଯୋଗ ଦେଇଥିଲେ। ପ୍ରଧାନଶିକ୍ଷକ କୈଳାସ ଚନ୍ଦ୍ର ବେହେରାଙ୍କ ଅଧ୍ୟକ୍ଷତାରେ ଆୟୋଜିତ ଉଦ୍‌ଯାପନୀ ଉତ୍ସବରେ ପ୍ରଦୀପ୍ତ କୁମାର ପଣ୍ଡା, ସୁଶୀଲ ମୈକାପ, ଲକ୍ଷ୍ମୀଧର ପଣ୍ଡା ଓ ମଇ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ମନୋରଞ୍ଜନ ସାହୁ ଯୋଗ ଦେଇଥିଲେ। ବିଭିନ୍ନ ପ୍ରତିଯୋଗିତାରେ କୃତୀ ଛାତ୍ରୀଛାତ୍ରଙ୍କୁ ପୁରସ୍କୃତ କରାଯାଇଥିଲା। ଶିକ୍ଷକ ଆଲୋକ କୁମାର ପ୍ରଧାନ ଅତିଥି ପରିଚୟ ପ୍ରଦାନ ଓ ଗଙ୍ଗାଧର ରାଉତ ଧନ୍ୟବାଦ ଅର୍ପଣ କରିଥିଲେ। ଶିକ୍ଷକ ନାରାୟଣ ଚନ୍ଦ୍ର ପୃଷ୍ଟି, ସ୍ୱାଗତିକା ମଲ୍ଲିକ, ବୁଦ୍ଧିରାମ ସାହୁ, ତ୍ରିଲୋଚନ ଦାସ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନାରେ ସହାୟତା କରିଥିଲେ।

# ବଞ୍ଚିବାକୁ ରାହା ଖୋଜୁଛନ୍ତି ମମତା

**ଆରଡ଼ି,୨।୨(ଡି.ଏନ.ଏ.)**



ଶଯ୍ୟାଶାୟୀ ମମତା ପଲାଇ।

- ଅସ୍ତ୍ରୋପଚାରରେ ତ୍ରୁଟି ଯୋଗୁ ଖାଦ୍ୟନଳୀରେ କଣା
- ଯନ୍ତ୍ରଣାରେ ଛଟପଟ ହେଉଛନ୍ତି

ପରିବାର ନିୟୋଜନ ଅସ୍ତ୍ରୋପଚାର ବେଳେ ଡାକ୍ତରଙ୍କ ଖାମଖିଆଲି ଯୋଗୁ ଖାଦ୍ୟନଳୀ କଣା ହୋଇଯାଇଛି। ଚିକିତ୍ସା ପାଇଁ ୩ ଲକ୍ଷ ଟଙ୍କା ଖର୍ଚ୍ଚ ସରିଲାଣି। ତଥାପି ସ୍ୱାସ୍ଥ୍ୟାବସ୍ଥାରେ ସୁଧାର ଆସୁନି। ଔଷଧ କିଣିବାକୁ ଆଉ ସମ୍ବଳ ନାହିଁ। ପରିବାର ଲୋକ ନିରାଶ ହୋଇପଡ଼ିଛନ୍ତି। ଏଭଳି ପରିସ୍ଥିତିରେ ଅସ୍ତ୍ରୋପଚାର କରାଇଥିବା ମହିଳା ଜଣଙ୍କ ବଞ୍ଚିବା ପାଇଁ ରାହା ଖୋଜୁଛନ୍ତି। ଏପରି ଦୁଃଖଦ ଘଟଣା ଘଟିଛି ଭଦ୍ରକ ଜିଲା ଚାନ୍ଦବାଲି ବ୍ଲକ ଦୋହରାପାଟଣା ଗାଁରେ।

ଏହି ଗାଁର ଭରତ ପଲାଇଙ୍କ ସ୍ତ୍ରୀ ମମତା। ପରିବାର ଲୋକଙ୍କ କହିବା ଅନୁଯାୟୀ, ମମତା ଗତ ଡିସେମ୍ବର ୨୭ରେ ପରିବାର ନିୟୋଜନ ଅସ୍ତ୍ରୋପଚାର ଲାଗି ଚାନ୍ଦବାଲି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ଯାଇଥିଲେ। ସେଠାରେ ତାଙ୍କର ଅସ୍ତ୍ରୋପଚାର କରାଯାଇଥିଲା। ଏହାର ଦୁଇଦିନ ପରେ ତାଙ୍କର ଯନ୍ତ୍ରଣା ବନ୍ଦ ନ ହେବା ଓ ପେଟ ଫୁଲି ଯିବାରୁ ସେହି ଡାକ୍ତରଙ୍କୁ ଏ ସମ୍ପର୍କରେ ଜଣାଇଥିଲେ। ଡାକ୍ତର ଜଣଙ୍କ ଏଥିପ୍ରତି ଗୁରୁତ୍ୱ ନ ଦେବାରୁ ସେମାନେ ମମତାଙ୍କୁ ଭଦ୍ରକ ମୁଖ୍ୟ ଚିକିତ୍ସାଳୟକୁ ନେଇଥିଲେ। ସେଠାରେ ତାଙ୍କ ଖାଦ୍ୟନଳୀରେ କଣା ହୋଇଥିବା ଓ ସେଥିରେ ପୂଜ ଜମିଥିବା ଜଣାପଡ଼ିଥିଲା। ସେଠାରେ ୫ ଦିନ ଚିକିତ୍ସିତ ହେବା ପରେ ମଧ୍ୟ ତାଙ୍କ ସ୍ୱାସ୍ଥ୍ୟାବସ୍ଥା ଗୁରୁତର ଥିବାରୁ କଟକ ବଡ଼ ଡାକ୍ତରଖାନାକୁ ସ୍ଥାନାନ୍ତର କରାଯାଇଥିଲା। ସେଠାରେ ମଧ୍ୟ ତାଙ୍କ ସ୍ୱାସ୍ଥ୍ୟରେ କୌଣସି ପରିବର୍ତ୍ତନ ନ ହେବାରୁ ତାଙ୍କୁ କଟକସ୍ଥିତ ଏକ ଘରୋଇ ଡାକ୍ତରଖାନାରେ ଚିକିତ୍ସା କରାଇ ଗାଁକୁ ନେଇଆସିଛନ୍ତି। ଭରତ ଗୁଜରାଟରେ ଦାଦନ ଭାବେ କାମ କରନ୍ତି। ଜମିବାଡ଼ି ବିକିବା ସହ ଧାର କରଜ କରି ପ୍ରାୟ ୩ ଲକ୍ଷ ଟଙ୍କା ଖର୍ଚ୍ଚ କରି ସାରିଲେଣି। ଏବେ ମମତାଙ୍କ ଔଷଧ କିଣିବା ପାଇଁ ତାଙ୍କ ପାଖରେ ଅର୍ଥ ଅଭାବ। ଏ ସମ୍ପର୍କରେ ତାଙ୍କ ପରିବାର ସ୍ଥାନୀୟ ସରପଞ୍ଚ ଶ୍ରୀକାନ୍ତ ନାୟକ ଓ ଚାନ୍ଦବାଲି ବିଧାୟକ ବ୍ୟୋମକେଶ ରାୟଙ୍କୁ ଭେଟି ଦୁଃଖ ଜଣାଇଛନ୍ତି। ସେମାନେ ସାହାଯ୍ୟର ପ୍ରତିଶ୍ରୁତି ଦେଇଥିବା ପ୍ରକାଶ କରିଛନ୍ତି।

ମମତାଙ୍କୁ ଆର୍ଥିକ ସାହାଯ୍ୟ ଯୋଗାଇ ଦେବାକୁ ସରପଞ୍ଚଙ୍କ ସମେତ ଗ୍ରାମବାସୀ ଗତ ଶୁକ୍ରବାର ଚାନ୍ଦବାଲି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ଯାଇଥିଲେ। ସେଠାରେ ସମ୍ପୃକ୍ତ ଡାକ୍ତରଙ୍କ ଖାମଖିଆଲି ଯୋଗୁ ମମତା କଷ୍ଟ ପାଇବା ସହ ମୃତ୍ୟୁ ସହ ଲଢ଼େଇ କରୁଥିବା ସ୍ୱାସ୍ଥ୍ୟକେନ୍ଦ୍ରର ଭାରପ୍ରାପ୍ତ ଅଧିକାରୀ ପ୍ରଦ୍ୟୁମ୍ନ କୁମାର ସାହୁଙ୍କୁ ସେମାନେ ଅବଗତ କରିଥିଲେ। ନିୟମ ଅନୁସାରେ ସରକାରୀ ସାହାଯ୍ୟ ଯୋଗାଇ ଦେବେ ବୋଲି ସେ ପ୍ରତିଶ୍ରୁତି ଦେଇଛନ୍ତି। ମମତା ସଂକଟାପନ୍ନ ଅବସ୍ଥାରେ ନିଜ ଘରେ ପଡ଼ି ରହିଥିବାବେଳେ ତାଙ୍କ ସ୍ୱାସ୍ଥ୍ୟାବସ୍ଥା ଦେଖିବାକୁ ସ୍ୱାସ୍ଥ୍ୟ ବିଭାଗର କୌଣସି ଅଧିକାରୀ କିମ୍ବା କର୍ମଚାରୀ ମଧ୍ୟ ଆସି ନ ଥିବା ଅଭିଯୋଗ ହେଉଛି। ତାଙ୍କୁ ତୁରନ୍ତ ସରକାରୀ ସାହାଯ୍ୟ ଯୋଗାଇ ଦେବାକୁ ବିଭିନ୍ନ ମହଲରୁ ଦାବି କରାଯାଇଛି।

# ଲକ୍ଷ୍ମୀନାରାୟଣ ମନ୍ଦିର ଲୋକାର୍ପଣ




ଲୋକାର୍ପଣ ଉତ୍ସବରେ ଉପସ୍ଥିତ ଅତିଥିମାନେ।

**ବନ୍ତ, ୨।୨ (ଡି.ଏନ.ଏ.)**

ବନ୍ତ ବ୍ଲକ ଗଣିଜାଙ୍ଗ ପଞ୍ଚାୟତ ବଗଦା କାଶିପୁର ଛକସ୍ଥିତ ଲକ୍ଷ୍ମୀନାରାୟଣ ମନ୍ଦିର ଲୋକାର୍ପଣ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ଭଣ୍ଡାରିପୋଖରୀ ବିଧାୟକ ପ୍ରଫୁଲ୍ଲ ସାମଲ ଓ ଭଦ୍ରକ ବିଧାୟକ ସଞ୍ଜୀବ ମଲ୍ଲିକ ଅତିଥି ଭାବେ ଯୋଗ ଦେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ବ୍ଲକ ଉପାଧ୍ୟକ୍ଷା ମଞ୍ଜୁଲତା ଜେନା, ସରପଞ୍ଚ ରଞ୍ଜନ ସାହୁ, ବିଜେଡି ବ୍ଲକ ସଭାପତି କମଳାକାନ୍ତ ସାହୁ, ଗଣିଜାଙ୍ଗ ସେବା ସମବାୟ ସମିତି ସଭାପତି ଜଗନ୍ନାଥ ପାଣିଗ୍ରାହୀ, ନବକିଶୋର ଜେନା, ଭରତ ଜେନା ଓ ମାଧବାନନ୍ଦ ମଲ୍ଲିକ ଉପସ୍ଥିତ ଥିଲେ। ରାଷ୍ଟ୍ରପତି ପୁରସ୍କୃତ ଶିକ୍ଷକ ଅଲେଖ ଚନ୍ଦ୍ର ନାୟକଙ୍କ ପରିଚାଳନାରେ ଅନୁଷ୍ଠିତ ଉତ୍ସବରେ ଶିକ୍ଷକ ଶ୍ରୀକାନ୍ତ ପଣ୍ଡା ଅତିଥି ପରିଚୟ ପ୍ରଦାନ ଓ ରମାକାନ୍ତ ଜେନା ଧନ୍ୟବାଦ ଅର୍ପଣ କରିଥିଲେ। ତିନିଦିନ ବ୍ୟାପୀ ଉତ୍ସବର ପ୍ରାରମ୍ଭରେ ନିକଟସ୍ଥ କପାଳି ନଦୀରୁ ୨୭ଟି କଳସରେ ଜଳ ଅଣାଯାଇ ଘଟ ସ୍ଥାପନା ପୂର୍ବକ ପୂଜା ଆରମ୍ଭ ହୋଇଥିଲା। ଡ. ଅନିଲ ନାୟକ ଓ ସବିତା ଜେନା ମୁଖ୍ୟ କଳସ ଧାରଣ କରିଥିଲେ। ପୂଜା କାର୍ଯ୍ୟରେ ୧୧ଜଣ ବେଦଜ୍ଞ ବ୍ରାହ୍ମଣ ନିୟୋଜିତ ହୋଇଥିଲେ।

# କଲର୍‌ବେଲ୍ଟ ଟେଷ୍ଟ, ପ୍ରମାଣପତ୍ର ପ୍ରଦାନ ଉତ୍ସବ



ଉତ୍ସବରେ ଉପସ୍ଥିତ ଅତିଥି।

**ଭଦ୍ରକ ଅଫିସ, ୨।୨:** ଟାଏକୋଣ୍ଡୋ ଆସୋସିଏଶନ ଅଫ୍ ଭଦ୍ରକ ପକ୍ଷରୁ ଇଚ୍ଛାପୁରସ୍ଥିତ କାରମେଲ ସ୍କୁଲ ପରିସରରେ କଲର୍‌ବେଲ୍ଟ ଟେଷ୍ଟ ଓ ପ୍ରମାଣପତ୍ର ପ୍ରଦାନ ଉତ୍ସବ ରବିବାର ଅନୁଷ୍ଠିତ ହୋଇଯାଇଛି। ସକାଳ ୭ଟାରୁ ଆରମ୍ଭ ହୋଇଥିବା ଟେଷ୍ଟରେ ୨୦୦ ଛାତ୍ରୀଛାତ୍ର ଭାଗ ନେଇଥିଲେ। ଟାଏକୋଣ୍ଡୋ ଆସୋସିଏଶନ ଅଫ୍ ଓଡ଼ିଶାର ସାଧାରଣ ସମ୍ପାଦକ ରବିନାରାୟଣ ପାଣିଗ୍ରାହୀ ପରୀକ୍ଷା ପରିଚାଳନା କରିଥିଲେ। କଟକ ଆସୋସିଏଶନ ସମ୍ପାଦକ ସୁଧାକର ଜେନା, ଢେଙ୍କାନାଳର ପ୍ରଶିକ୍ଷକ ଇଂ. ସୌମ୍ୟକାନ୍ତ ବେଉରା, ବାଲେଶ୍ୱର ଆସୋସିଏଶନର ପ୍ରଶିକ୍ଷିକା ଅଧ୍ୟାପିକା ଆଦ୍ୟାଶା ଦାସ ଓ ଭଦ୍ରକର ମାଷ୍ଟର ଟ୍ରେନର ତାରିଣୀ ସାହୁ ପ୍ରମୁଖ ପରୀକ୍ଷକ ରହିଥିଲେ। କାର୍ଯ୍ୟକ୍ରମ ପରିଚାଳନା କରିଥିଲେ ଭଦ୍ରକ ଆସୋସିଏଶନ ସଦସ୍ୟ ଧନେଶ୍ୱର ଜେନା, ସେକ୍ ସମୀର ଓ ସତ୍ୟବ୍ରତ ଜେନା।

ମଧ୍ୟାହ୍ନରେ ଅନୁଷ୍ଠିତ ଉତ୍ସବରେ ଓଡ଼ିଶା ଆସୋସିଏଶନର କାର୍ଯ୍ୟକାରୀ ସଭାପତି ପ୍ରାଧ୍ୟାପକ ବିଜୟ ଜେନା ଅଧ୍ୟକ୍ଷତା କରିଥିଲେ। କାରମେଲ ସ୍କୁଲ ଅଧ୍ୟକ୍ଷା ସିଷ୍ଟର ବିନୀତା ମୁଖ୍ୟଅତିଥି ଭାବେ ୧୮୦ କୃତୀ ଛାତ୍ରୀଛାତ୍ରଙ୍କୁ ପ୍ରମାଣପତ୍ର ପ୍ରଦାନ କରିଥିଲେ। କାରମେଲ ସ୍କୁଲ ମ୍ୟାନେଜର ସିଷ୍ଟର ଗ୍ରାସିଲ୍, ସିଷ୍ଟର ଲାଇଜା, ରୋଟାରୀ କ୍ଲବ ମିଡ୍‌ଟାଉନର ସଭାପତି ଆଡଭୋକେଟ ଅତିସ ବେହେରା, ଭଦ୍ରକ ଜିଲା କ୍ରିକେଟ ଆସୋସିଏଶନର ସାଧାରଣ ସମ୍ପାଦକ ତଥା ଓଡ଼ିଶା ଜୁନିୟର କ୍ରିକେଟ ଟିମ୍‌ର ଚୟନକର୍ତ୍ତା ଉପେନ୍ଦ୍ର ବାରିକ, ଆଡ୍‌ଭୋକେଟ ପବନ ଶର୍ମା, ତିହିଡ଼ିସ୍ଥିତ ହାଇଟେକ୍ ସ୍କୁଲ ପ୍ରତିଷ୍ଠାତା ଦୁର୍ଗାପ୍ରସନ୍ନ ନାୟକ ଓ ଟାଏକୋଣ୍ଡୋ ଆସୋସିଏଶନ ଅଫ୍ ଓଡ଼ିଶାର କୋଷାଧ୍ୟକ୍ଷା ସଙ୍ଘମିତ୍ରା ଦାସ ଅନ୍ୟତମ ଅତିଥି ଭାବେ ଯୋଗ ଦେଇଥିଲେ। ଭଦ୍ରକ ଆସୋସିଏଶନର ସାଧାରଣ ସମ୍ପାଦକ ସଂଗ୍ରାମ ତ୍ରିପାଠୀ ବାର୍ଷିକ ବିବରଣୀ ପ୍ରଦାନ ଓ ସହସମ୍ପାଦକ ସୁରେଶ ନାୟକ ଧନ୍ୟବାଦ ଅର୍ପଣ କରିଥିଲେ। ଶେଷରେ କ୍ରୀଡ଼ାବିତ୍‌ମାନଙ୍କ ଦ୍ୱାରା କୌଶଳ ପ୍ରଦର୍ଶନ କରାଯାଇଥିଲା।

## ଶିକ୍ଷାବିତ୍‌ଙ୍କ ଶ୍ରାଦ୍ଧବାର୍ଷିକୀ

**ଚାନ୍ଦବାଲି, ୨।୨ (ଡି.ଏନ.ଏ.):** ଚାନ୍ଦବାଲି କାଳୀମନ୍ଦିର ପରିସରରେ ଶିକ୍ଷାବିତ୍ ସ୍ୱର୍ଗତ ପ୍ରେମଚାନ୍ଦ ମହାରଣାଙ୍କ ୧୫ତମ ଶ୍ରାଦ୍ଧବାର୍ଷିକୀ ସାହିତ୍ୟିକ କମଳାକାନ୍ତ ମହାନ୍ତିଙ୍କ ଅଧ୍ୟକ୍ଷତାରେ ପାଳିତ ହୋଇଯାଇଛି। ମୁଖ୍ୟଅତିଥି ଭାବେ ପ୍ରାଧ୍ୟାପକ ଶାନ୍ତନୁ ମହାନ୍ତି, ମୁଖ୍ୟବକ୍ତା ଚାନ୍ଦବାଲି ମହାବିଦ୍ୟାଳୟର ପୂର୍ବତନ ଅଧ୍ୟକ୍ଷ ନିମାଇ ଚରଣ ପଟ୍ଟନାୟକ ଏବଂ ସମ୍ମାନିତ ଅତିଥି ଭାବେ ମତୋ ଯୁକ୍ତ ୨ ମହାବିଦ୍ୟାଳୟର ଅଧ୍ୟାପକ ପ୍ରତାପ ଧଳ, ଆଇନଜୀବୀ ଉପେନ୍ଦ୍ର ରାଉଳ ପ୍ରମୁଖ ଯୋଗଦେଇ ସ୍ମୃତିଚାରଣ କରିଥିଲେ। ଶିକ୍ଷାବିତ୍ ପଞ୍ଚାନନ ପଲାଇ, ବଳରାମ ମିଶ୍ର, ପ୍ରମୋଦ ଚନ୍ଦ୍ର ତ୍ରିପାଠୀ, ଅଧ୍ୟାପକ ସୁଧାଂଶୁ ଶେଖର ମହାନ୍ତି, ଚିନ୍ତାମଣି ମହାରଣା, ଲୀନା ମହାନ୍ତି, ତାରାପଦ ମହାନ୍ତି, ନବଘନ ସାମଲ ଓ ଅଧ୍ୟାପକ ଗୋଲକ ପତି ପ୍ରମୁଖ ଯୋଗ ଦେଇଥିଲେ। ସ୍ମୃତି କମିଟି ସମ୍ପାଦକ ଶିକ୍ଷକ ଅମୂଲ୍ୟ ରାଉତ ସ୍ୱାଗତ ଭାଷଣ ଓ ଅତିଥି ପରିଚୟ ପ୍ରଦାନ, ଆଡ୍‌ଭୋକେଟ ପ୍ରଶାନ୍ତ ଦାସ ଧନ୍ୟବାଦ ଅର୍ପଣ କରିଥିଲେ।

# ନିଯୁକ୍ତିପ୍ରାପ୍ତ ଯୁବତୀଯୁବକଙ୍କୁ ସମ୍ବର୍ଦ୍ଧନା




ନିଯୁକ୍ତି ପାଇଥିବା ଛାତ୍ରୀଛାତ୍ରଙ୍କୁ ସମ୍ବର୍ଦ୍ଧିତ କରାଯାଉଛି।

**ଦୀନଦୟାଲ ଉପାଧ୍ୟାୟ ଗ୍ରାମୀଣ କୌଶଳ୍ୟ ଯୋଜନା**

**ଭଦ୍ରକ ଅଫିସ, ୨।୨:** ଦୀନଦୟାଲ ଉପାଧ୍ୟାୟ ଗ୍ରାମୀଣ କୌଶଳ୍ୟ ଯୋଜନାରେ ଭଦ୍ରକ ଜିଲାରୁ ତାଲିମପ୍ରାପ୍ତ ହୋଇ ନିଯୁକ୍ତି ପାଇଥିବା ଯୁବତୀ ଯୁବକଙ୍କୁ ଜିଲା ପ୍ରଶାସନ ଏବଂ ଓର୍‌ମାସ୍ ପକ୍ଷରୁ ସମ୍ବର୍ଦ୍ଧିତ କରାଯାଇଛି। ଜିଲା ଶହୀଦ ସ୍ମୃତି ଭବନରେ ଅନୁଷ୍ଠିତ ସମ୍ବର୍ଦ୍ଧନା ସଭାକୁ ଏମ୍‌ପି ମଞ୍ଜୁଲତା ମଣ୍ଡଳ ଉଦ୍‌ଘାଟନ କରିଥିଲେ। ଅତିଥି ଭାବେ ବିଧାୟକ ସଞ୍ଜୀବ ମଲ୍ଲିକ ଓ ଜିଲାପାଳ ଜ୍ଞାନରଞ୍ଜନ ଦାସ ଯୋଗଦେଇ ଓର୍‌ମାସ ପକ୍ଷରୁ କାର୍ଯ୍ୟକାରୀ କରାଯାଉଥିବା ଏହି ଯୋଜନାରେ ସଫଳତା ନେଇ ପ୍ରଶଂସା କରିଥିଲେ। ଏଥିସହିତ ଆଗାମୀ ଦିନରେ ଅଧିକରୁ ଅଧିକ ବେକାର ଯୁବତୀ ଯୁବକ କିପରି ଏହି ଯୋଜନାରେ ସାମିଲ ହୋଇ ଆତ୍ମନିର୍ଭରଶୀଳ ହୋଇପାରିବେ ସେ ଦିଗରେ ପଦକ୍ଷେପ ନେବାକୁ ପରାମର୍ଶ ଦେଇଥିଲେ।

ଓର୍‌ମାସ୍‌ର ଜିଲା ପ୍ରୋଗ୍ରାମ ଅଫିସର ସଞ୍ଜୟ ବାରିକ ସୂଚନା ଦେଇ କହିଥିଲେ ଯେ, ଏହି ଯୋଜନାରେ ଭଦ୍ରକ ଜିଲାରେ ୨୦୧୪ ଠାରୁ ଅଦ୍ୟାବଧି ୧୮ରୁ ୩୫ ବର୍ଷ ମଧ୍ୟରେ ଚିହ୍ନଟ ୭ ହଜାର ୯୮୦ ଯୁବତୀ ଯୁବକଙ୍କୁ ତାଲିମ ପ୍ରଦାନ କରାଯାଇଛି। ସେମାନଙ୍କ ମଧ୍ୟରୁ ୪୭୫୩ ଜଣଙ୍କୁ ବିଭିନ୍ନ ସେକ୍ଟରରେ ନିଯୁକ୍ତି ମଧ୍ୟ ଦିଆଯାଇଛି। ସେହି ନିଯୁକ୍ତିପ୍ରାପ୍ତଙ୍କ ମଧ୍ୟରୁ ଜିଲାର ୭ ବ୍ଲକର ବିଭିନ୍ନ ଅଞ୍ଚଳରୁ ଶ୍ରେଷ୍ଠ ତାଲିମଧାରୀ ୫୦ ଜଣଙ୍କୁ ସମ୍ବର୍ଦ୍ଧିତ କରାଯାଇଛି। ଓର୍‌ମାସ ଓ ଜିଲା ପ୍ରଶାସନିକ ଅଧିକାରୀମାନେ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ଏହି ଅବସରରେ ଦକ୍ଷତା ବିକାଶରେ ନିଯୁକ୍ତି ପାଇଥିବା ଯୁବତୀ ଯୁବକ ସେମାନଙ୍କ ଅଭିଜ୍ଞତା ଅଭିଭାଷଣ ମାଧ୍ୟମରେ କହିଥିଲେ। ଓର୍‌ମାସର କର୍ମକର୍ତ୍ତାମାନେ କାର୍ଯ୍ୟକ୍ରମ ପରିଚାଳନାରେ ସହାୟତା ପ୍ରଦାନ କରିଥିଲେ।

# କବିତାରେ ଜାତୀୟତାବୋଧ ଓ ଦେଶପ୍ରୀତି

**ତିହିଡ଼ି,୨।୨(ଡି.ଏନ.ଏ.)**

ତିହିଡ଼ି କାଳୀପଡ଼ିଆରେ ଶ୍ୟାମା କ୍ଲବ ପକ୍ଷରୁ ଚାଲିଥିବା ତିହିଡ଼ି ମହୋତ୍ସବର ୩ୟ ସନ୍ଧ୍ୟାରେ ବିଭିନ୍ନ ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଏଥିସହ ଦଶ କବି ଦଶ କବିତା ନାମରେ ଏକ କବିତା ପାଠ କାର୍ଯ୍ୟକ୍ରମ ହୋଇଥିଲା। ସାମ୍ପ୍ରତିକ ଓଡ଼ିଆ କବିତାକୁ ସମୃଦ୍ଧ କରିବା ଦିଗରେ ଉଲ୍ଲେଖନୀୟ ଭୂମିକା ଗ୍ରହଣ କରିଥିବା ତିହିଡ଼ି ଅଞ୍ଚଳର ବରିଷ୍ଠ କବି ଅଶୋକ ମହାନ୍ତି, ନିର୍ମଳ ସେନାପତି, ପି. ହୃଷୀକେଶ, ସଞ୍ଜିତ୍ ବଳ, ପଞ୍ଚାନନ ନାୟକ, ବିଭୂତି ଭୂଷଣ ଗ୍ରହାଚାର୍ଯ୍ୟ, ଭଗବାନ ପାଣିଗ୍ରାହୀ, ମନୋରଞ୍ଜନ ମୁଦୁଲି ଓ ବିଶ୍ୱନାଥ ନାୟକ ସ୍ୱରଚିତ କବିତା ପାଠ କରିଥିଲେ। କବିତାରେ ଜାତୀୟତାବୋଧ ଓ ଦେଶପ୍ରୀତି ଉପସ୍ଥିତ ଦର୍ଶକଙ୍କୁ ମୁଗ୍ଧ କରିଥିଲା।

ମହୋତ୍ସବ କମିଟି ସଭାପତି ଶିକ୍ଷାବିତ୍ ସୋମନାଥ ପାଢ଼ୀଙ୍କ ପୌରୋହିତ୍ୟରେ ଆୟୋଜିତ କବିତାପାଠ ଉତ୍ସବରେ କବି ନୀଳମାଧବ ସେନାପତି, ମନୋଜ ପାଣିଗ୍ରାହୀ ଓ ଅମୂଲ୍ୟ ସେନାପତି ସଂଯୋଜନା କରିଥିଲେ। ଶିକ୍ଷକ ଦେବକିଶୋର ଦାସଙ୍କ ନିର୍ଦ୍ଦେଶନାରେ ତିହିଡ଼ି ସରକାରୀ ବାଳିକା ହାଇସ୍କୁଲର ଛାତ୍ରୀମାନଙ୍କ ଦ୍ୱାରା ପରିବେଷିତ ଡାକମୁନିସ୍ ନାଟକ ବେଶ୍ ପ୍ରଶଂସିତ ହୋଇଥିଲା। ଏହାଛଡ଼ା ତିହିଡ଼ି ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିର ଛାତ୍ରୀଛାତ୍ରଙ୍କ ପକ୍ଷରୁ ପରିବେଷିତ କାର୍ଯ୍ୟକ୍ରମ ଚିତ୍ତାକର୍ଷକ ଥିଲା। ଚରମ୍ପା କିନ୍ନର ସଂଘର ଅର୍ଦ୍ଧନାରୀଶ୍ୱର ନୃତ୍ୟ ସାଙ୍ଗକୁ କଟକର ରକ୍‌ଷ୍ଟାର୍ ମେଲୋଡି, ବିଭିନ୍ନ ଅନୁଷ୍ଠାନ ପକ୍ଷରୁ ନୃତ୍ୟ ଓ ସଙ୍ଗୀତ ପରିବେଷଣ କରାଯାଇଥିଲା। କୁନି ନୃତ୍ୟଶିଳ୍ପୀ ସତ୍ୟବ୍ରତ ବେହେରାଙ୍କ ନୃତ୍ୟ ଦର୍ଶକଙ୍କ ମନ ମୋହିଥିଲା। କମିଟି ସମ୍ପାଦକ ଚନ୍ଦ୍ରକାନ୍ତ ମହାନ୍ତି ଓ ଡ. ଲକ୍ଷ୍ମୀଧର ତ୍ରିପାଠୀ ସମସ୍ତ କାର୍ଯ୍ୟକ୍ରମ ସଞ୍ଚାଳନ କରିଥିଲେ। ଏହାଛଡ଼ା ଚଳଚ୍ଚିତ୍ର ନାୟିକା ଏଲିନାଙ୍କ ନୃତ୍ୟ ଓ ସଂଳାପ ଦର୍ଶକଙ୍କୁ ଆମୋଦିତ କରିଥିଲା। ସାମାଜିକ କର୍ମୀ ଧୀରେନ୍ଦ୍ର ସାହୁ, ସଚ୍ଚିକାନ୍ତ ନାୟକ, ଅମର ଜେନା, ମନୋଜ ସେନାପତି, ନରେନ୍ଦ୍ର ବାରିକ, କୈଳାସ ବେହେରା, ଗିରିଜାରମଣ ଜେନା, ପ୍ରଭାତ ଜେନା, ବିସ୍ମୟ ବିହାରୀ ସାହୁ, ସତ୍ୟସୁନ୍ଦର ପତି ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ।

## ଶିବ ମନ୍ଦିର ପ୍ରତିଷ୍ଠା ଉତ୍ସବ

**ଭଣ୍ଡାରିପୋଖରୀ,୨।୨(ଡି.ଏନ.ଏ.):** ଭଣ୍ଡାରିପୋଖରୀ ବ୍ଲକ ଷୋଳମପୁର ପଞ୍ଚାୟତ ଅଧୀନ ମଣିନାଥପୁର ଗ୍ରାମ ଗୋପୀନାଥ ମଠ ପରିସରରେ ମଣିନାଗେଶ୍ୱର ମହାଦେବ ମନ୍ଦିର ପ୍ରତିଷ୍ଠା ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ସୂର୍ଯ୍ୟପୂଜା, ଷୋଡ଼ଶ ଉପଚାର, ଗୋପୀନାଥଜୀଉ ପୂଜା ସହ ଶିବ ମହାସ୍ତୋତ୍ର ପାଠ, ରୁଦ୍ରାଭିଷେକ ପୁରୋହିତ ଅଶୋକ ପଣ୍ଡା ଓ ସହଯୋଗୀମାନେ କରିଥିଲେ। ମନ୍ଦିର ଓ ଲିଙ୍ଗ ପ୍ରତିଷ୍ଠା ସହ ଯଜ୍ଞାହୁତି ଦିଆଯାଇଥିଲା। ଉମାକାନ୍ତ ବେହୁରିଆ ବୈତରଣୀରୁ ଜଳ ଘଟ ଉତ୍ତୋଳନ କରି ସଂକଳ୍ପ କରିଥିଲେ। ମଦନ ମୋହନ ବେଉରିଆ, ବସନ୍ତ କୁମାର ବେଉରିଆ, ଭରତ ବେଉରିଆ, ମୀନକେତନ ବେଉରିଆ, ସନାତନ ବଳ ପ୍ରମୁଖ ଗ୍ରାମବାସୀ ମନ୍ଦିର ପ୍ରତିଷ୍ଠା ଉତ୍ସବରେ ସହଯୋଗ କରିଥିଲେ।

# ଉତ୍କଳ ୟୁନିଭର୍‌ସିଟି, ଏସ୍‌ସିଆର୍ ବିଜୟୱାଡା ବିଜୟୀ

**ବନ୍ତ,୨।୨(ଡି.ଏନ.ଏ./ସ୍ୱ.ପ୍ର.)**




ଆଶିଷ ସାହୁ ଅତିଥିଙ୍କଠାରୁ ମ୍ୟାନ ଅଫ୍ ଦି ମ୍ୟାଚ୍ ପୁରସ୍କାର ଗ୍ରହଣ କରୁଛନ୍ତି।

**ଅନ୍ତର୍ଜାତୀୟ ପ୍ରଦୀପ ସ୍ମାରକୀ ଟିଲୋ କପ୍**

ବନ୍ତ ବ୍ଲକ ଟିଲୋ ହନୁମାନଜୀଉ ମିନିଷ୍ଟାଡିୟମରେ ଟିଲୋ ଆଥିଲେଟିକ ଆସୋସିଏଶନ ଆନୁକୂଲ୍ୟରେ ଚାଲିଥିବା ଅନ୍ତର୍ଜାତୀୟ ପ୍ରଦୀପ ସ୍ମାରକୀ କ୍ରିକେଟ ଟୁର୍ନାମେଣ୍ଟ ଟିଲୋ କପ୍‌ର ରବିବାର ୩ୟ ଦିବସର ପ୍ରଥମ ମ୍ୟାଚ୍ ଇସିସି ବାଙ୍ଗାଲୋର ଓ ଉତ୍କଳ ୟୁନିଭରସିଟି ମଧ୍ୟରେ ଅନୁଷ୍ଠିତ ହୋଇଥିଲା। ଉତ୍କଳ ୟୁନିଭରସିଟି ଟସ୍ ଜିତି ବ୍ୟାଟିଂ ଆରମ୍ଭ କରି ନିର୍ଦ୍ଧାରିତ ୨୦ ଓଭରରେ ୫ ଉଇକେଟ୍ ହରାଇ ୧୬୧ ରନ୍ କରିଥିଲା। ଦଳ ପକ୍ଷରୁ ଆଶିଷ ସାହୁ ୭୫ ଓ ନିର୍ମଳେଶ ଜେନା ୨୫ ରନ୍ କରିଥିଲେ। ପ୍ରତିପକ୍ଷ ବୋଲର କ୍ରିଷ୍ଣା ପାଣ୍ଡେ ୨, ତାହା ରାମ ଗୋଟିଏ ଉଇକେଟ୍ ନେଇଥିଲେ। ଇସିସି ବାଙ୍ଗଲୋର ୧୯.୫ ଓଭରରେ ସମସ୍ତ ଉଇକେଟ ହରାଇ ୧୩୨ ରନ୍ କରି ପରାଜିତ ହୋଇଥିଲା। ଦଳ ପକ୍ଷରୁ ଆକ୍ୱିବ୍ ଜୱାବ୍ ୬୬ ଓ ଅଜିତେଶ ୩୦ ରନ୍ କରିଥିଲେ। ପ୍ରତିପକ୍ଷ ବୋଲର ଆଶୁତୋଷ ଦାସ ୩ ଏବଂ ଦିଲୀପ ଜେନା ୨ଟି ଉଇକେଟ ନେଇଥିଲେ। ଉତ୍କଳ ୟୁନିଭରସିଟି ୨୯ ରନ୍‌ରେ ବିଜୟୀ ହୋଇ ସେମିଫାଇନାଲକୁ ପ୍ରବେଶ କରିଛି। ଉତ୍କଳ ୟୁନିଭରସିଟିର ଆଶିଷ ସାହୁଙ୍କୁ ପ୍ଲେୟାର ଅଫ୍ ଦି ମ୍ୟାଚ୍ ପୁରସ୍କାର ଗୀତା ଇଞ୍ଜିନିୟରିଂ କଲେଜ ଅଧ୍ୟକ୍ଷ ଡ.ମନ୍ମଥ ରାଉଳ, ଚିତ୍ତରଞ୍ଜନ ପାତ୍ର ଓ ପଦ୍ମନାଭ ସାମଲ ପ୍ରଦାନ କରିଥିଲେ।

ସେହିପରି ୨ୟ ମ୍ୟାଚ୍ କ୍ୱାଲିଟି ଟିମ୍ ବାଂଲାଦେଶ ଓ ଏସ୍‌ସିଆର୍(ସାଉଥ୍ ସେଣ୍ଟ୍ରାଲ ରେଲୱେ) ବିଜୟୱାଡା ମଧ୍ୟରେ ଅନୁଷ୍ଠିତ ହୋଇଥିଲା। ବାଂଲାଦେଶ ଟସ୍ ଜିତି ଫିଲ୍ଡିଂ ପାଇଁ ନିଷ୍ପତ୍ତି ନେଇଥିଲା। ବିଜୟୱାଡା ବ୍ୟାଟିଂ ଆରମ୍ଭ କରି ୨୦ ଓଭରରେ ୭ ଉଇକେଟ୍ ହରାଇ ୧୫୯ ରନ୍ କରିଥିଲା। ଦଳ ପକ୍ଷରୁ କେ.ସାଗର ୪୧ ଓ ସିଏଚ୍ ଶ୍ରୀକାନ୍ତ ୩୨ ରନ୍ କରିଥିଲେ। ପ୍ରତିପକ୍ଷ ବୋଲର ଏମ୍ ମୋହିମ୍ ଓ ଏସ୍.ହୋସେନ୍ ୩ଟି ଲେଖାଏ ଉଇକେଟ୍ ନେଇଥିଲେ। ଜବାବରେ ବାଂଲାଦେଶ ୧୭.୪ ଓଭରରେ ସମସ୍ତ ଉଇକେଟ ହରାଇ ୯୧ ରନ୍ କରି ପରାଜିତ ହୋଇଥିଲା। ଦଳ ପକ୍ଷରୁ ଏସ୍ ଆକବର ୨୫ ଓ ଏମ୍ ଇର୍ଫାନ୍ ୧୬ ରନ୍ କରିଥିଲେ। ପ୍ରତିପକ୍ଷ ବୋଲର ଭେଙ୍କେଟେଶ ଯାଦବ ଓ ପି.ନିଲେଶ ୩ଟି ଲେଖାଏ ଉଇକେଟ ନେଇଥିଲେ। ଏସ୍‌ସିଆର୍ ବିଜୟୱାଡା ୬୮ ରନ୍‌ରେ ବିଜୟୀ ହୋଇଥିଲା। ବିଜୟୱାଡାର ବୋଲର ଭେଙ୍କେଟେଶ ଯାଦବଙ୍କୁ ମ୍ୟାନ ଅଫ୍ ଦି ମ୍ୟାଚ୍ ପୁରସ୍କାର ଡ.ମନ୍ମଥ ରାଉଳ, ଲିଙ୍ଗରାଜ ସ୍ୱାଇଁ, ସୁବାସ ଜେନା ଓ ହେମନ୍ତ ନାୟକ ପ୍ରଦାନ କରିଥିଲେ। ଉଭୟ ମ୍ୟାଚ୍‌କୁ ଅମ୍ପାୟାର ଶାନ୍ତନୁ ରାଉତ, ତପନ ମିଶ୍ର ଓ ସଞ୍ଜୀବ ବେହେରା ପରିଚାଳନା କରିଥିଲେ। ରେଫରୀ ଭାବେ ସୁଧାଂଶୁ ନାୟକ, ଭାଷ୍ୟକାର ସୁଧାଂଶୁ ଶେଖର ମହାନ୍ତି, ପି.ଏନ୍. ଶେଖର, ସଞ୍ଜୟ ମଜୁମଦାର, ନାରାୟଣ ସାହୁ ଏବଂ ସ୍କୋରର ଭାବେ ସୁଚିବ୍ରତ ରାଉତ, ପର୍ଶୁରାମ ସାହୁ, ଅଶୋକ ନାଥ ଦାୟିତ୍ୱ ତୁଲାଇଥିଲେ।

# ଉତ୍ସବମୁଖର ସରମରା

**୪ ମଣ୍ଡପରେ ପୂଜା ପାଉଛନ୍ତି ବାଗ୍‌ଦେବୀ**

**ବନ୍ତ,୨।୨(ସ୍ୱ.ପ୍ର.)**



ଜୟ କିଷାନ କ୍ଲବ ପକ୍ଷରୁ ନିର୍ମିତ ତୋରଣ।

ସରସ୍ୱତୀ ପୂଜା ପାଇଁ ପ୍ରସିଦ୍ଧିଲାଭ କରିଥିବା ଭଦ୍ରକ ଜିଲା ବନ୍ତ ବ୍ଲକ ଅନ୍ତର୍ଗତ ସରମରା ଗ୍ରାମ ଉତ୍ସବମୁଖର ହୋଇଛି। ଗାଁରେ ଲୋକଙ୍କ ମଧ୍ୟରେ ପୂଜାକୁ ନେଇ ଭରି ରହିଛି ଆନନ୍ଦ ଉତ୍ସାହ। ରଙ୍ଗବେରଙ୍ଗ ଆଲୋକମାଳାରେ ଝଲସୁଛି ଗାଁର ପରିବେଶ। ସନ୍ଧ୍ୟା ହେଲେ ପୂଜା ମଣ୍ଡପରେ ଶ୍ରଦ୍ଧାଳୁଙ୍କ ଭିଡ଼ ଜମୁଛି।

ପୂର୍ବରୁ ଗାଁର ଗୋଟିଏ ସ୍ଥାନରେ ମିଳିତ ଭାବେ ପୂଜା ପାଳିତ ହୋଇଆସୁଥିଲା। ୧୯୮୯ଠାରୁ ୪ଟି ସ୍ଥାନରେ ପୃଥକ ପୃଥକ ଭାବେ ପୂଜା କରାଯାଉଛି। ଗ୍ରାମର ଉତ୍ତର ଦିଗରେ ୟୁନାଇଟେଡ କ୍ଲବ, ଦକ୍ଷିଣରେ ଜୟକିଷାନ, ଗାଁ ମଝିରେ ସରସ୍ୱତୀ ୟୁଥ ଓ ଆସମିଶ କ୍ଲବ ପକ୍ଷରୁ ପୂଜା ଧୁମ୍‌ଧାମ୍‌ରେ ଚାଲିଛି।

ଗତ ଗୁରୁବାରଠାରୁ ପୂଜା ଆରମ୍ଭ ହୋଇଥିବା ବେଳେ ୭ ଦିନ ଧରି ଜାକଜମକରେ ପାଳିତ ହେବ। ସବୁ ମଣ୍ଡପରେ ବଡ଼ ବଡ଼ ତୋରଣ ସାଙ୍ଗକୁ ବାଗ୍‌ଦେବୀ ମା' ସରସ୍ୱତୀଙ୍କ ମୃଣ୍ମୟୀ ମୂର୍ତ୍ତି ଓ ଯୁଗୋପଯୋଗୀ ଘଟଣାବଳୀ, ପୁରାଣର କିମ୍ବଦନ୍ତୀକୁ ନେଇ ପାର୍ଶ୍ୱମୂର୍ତ୍ତି ନିର୍ମାଣ କରାଯାଇଛି। ବିଭିନ୍ନ ପ୍ରକାର ଦୋଳି ପଡ଼ିଥିବାବେଳେ ସନ୍ଧ୍ୟାରେ ରଙ୍ଗାରଙ୍ଗ କାର୍ଯ୍ୟକ୍ରମ ଆୟୋଜନ କରାଯାଉଛି। ଭଦ୍ରକ, ବାଲେଶ୍ୱର ଓ କେନ୍ଦୁଝର ଜିଲାରୁ ପ୍ରତ୍ୟହ ସନ୍ଧ୍ୟାରେ ହଜାର ହଜାର ଦର୍ଶକଙ୍କ ଭିଡ଼ ପରିଲକ୍ଷିତ ହେଉଛି। ବିଭିନ୍ନ ଅଞ୍ଚଳରୁ ବ୍ୟବସାୟୀମାନେ ଏଠାରେ ପସରା ମେଲାଇଛନ୍ତି। ଶାନ୍ତିଶୃଙ୍ଖଳା ରକ୍ଷା ପାଇଁ ବନ୍ତ ପୋଲିସ ପକ୍ଷରୁ ଫୋର୍ସ ମୁତୟନ ରହିଛନ୍ତି। ୟୁନାଇଟେଡ୍ କ୍ଲବ ପକ୍ଷରୁ ଛବିନ୍ଦ୍ର ବିଶ୍ୱାଳ, ରଙ୍ଗାଧର ନାୟକ, ନରେଶ ଜେନା, କୀର୍ତ୍ତିଶଙ୍କର ମହାନ୍ତି, ପ୍ରିୟବ୍ରତ ରାଉତ, ଆକାଶ ଜେନା, ମାନସ ଜେନା, ରାଜେଶ ବିଶ୍ୱାଳ, ତପନ ଜେନା, ଚଗୁଲୁ ଜେନା, ରାଜେଶ ଜେନା ଓ ଦିଲୀପ ନାୟକ ପୂଜା ଦାୟିତ୍ୱ ନେଇଛନ୍ତି। ଜୟ କିଷାନ ପକ୍ଷରୁ ବିଶ୍ୱନାଥ ଜେନା, ଦେବାନନ୍ଦ ମହାପାତ୍ର, ଶରତ ବିଶ୍ୱାଳ, ସୁଧାକର ପୁହାଣ, ଟିକା ଦାସ ପ୍ରମୁଖ ଦାୟିତ୍ୱ ତୁଲାଉଛନ୍ତି। ସେହିପରି ଆସମିଶ ପକ୍ଷରୁ ପ୍ରଶାନ୍ତ ଦାସ, ପ୍ରିୟବ୍ରତ ଦାସ, ନିରଞ୍ଜନ ଦାସ, ଧୀରେନ୍ଦ୍ର ଦାସ, ଚିନ୍ମୟ ଦାସ ଓ ସରସ୍ୱତୀ ୟୁଥ କ୍ଲବ ପକ୍ଷରୁ ସୁଧାକର ବିଶ୍ୱାଳ, ବିଷ୍ଣୁମୋହନ ବିଶ୍ୱାଳ, ରଶ୍ମିରଞ୍ଜନ ଦାଶ, ସୁରେଶ ନାଥ ପ୍ରମୁଖ ପୂଜାର ଦାୟିତ୍ୱ ନେଇଛନ୍ତି।

# ପର୍ଯ୍ୟଟନ କେନ୍ଦ୍ରରେ ଜମା ହୋଇଛି ପଥରଗୁଣ୍ଡ

**କେନ୍ଦୁଝର, ୨।୨(ସ୍ୱ.ପ୍ର.)**

କେନ୍ଦୁଝର ଜିଲାର ଗୁରୁତ୍ୱପୂର୍ଣ୍ଣ ଭୀମକୁଣ୍ଡ ପର୍ଯ୍ୟଟନ କେନ୍ଦ୍ରର ବିକାଶ ପାଇଁ ପ୍ରଶାସନ ପକ୍ଷରୁ ବ୍ୟାପକ ପଦକ୍ଷେପ ନିଆଯାଇଛି । ଫଳରେ ପର୍ଯ୍ୟଟକଙ୍କ ଆଗ୍ରହ ବଢୁଛି । ଏଥିପାଇଁ ଏହି କେନ୍ଦ୍ରର ରକ୍ଷଣାବେକ୍ଷଣ ପାଇଁ ପଦକ୍ଷେପ ନେବା ସହ ଏଣ୍ଟ୍ରି ଫି ବ୍ୟବସ୍ଥା ଆରମ୍ଭ ହୋଇଛି। ଏହି ଏଣ୍ଟ୍ରି ଫି ଆଦାୟକୁ ଏକ ସଂସ୍ଥାକୁ ଠିକାରେ ଦିଆଯାଇଛି। ଏଥିପାଇଁ ସ୍ଥାନୀୟ ଯୁବକ ସଂଘ ଲକ୍ଷାଧିକ ଟଙ୍କା ଦେଇ ଏହି କାମ ନେଇଛି। ତେବେ ଏହି କେନ୍ଦ୍ରର ଚାରିପାଖରେ ଥିବା ଜଙ୍ଗଲର ସୁରକ୍ଷା କରାଯାଉ ନ ଥିବା, ରାସ୍ତା ନାମରେ ଜଙ୍ଗଲ କାଟି ସଫା କରାଯିବା ସହ ଜଙ୍ଗଲ ମଧ୍ୟରେ ବାଲି, ପଥର ଜମା କରାଯାଉଥିବାରୁ ପରିବେଶ ପ୍ରଦୂଷିତ ହେବା ସହ ବହୁମାତ୍ରାରେ ନଷ୍ଟ ହେଉଥିବାରୁ ପର୍ଯ୍ୟଟକମାନେ ଅସନ୍ତୋଷ ବ୍ୟକ୍ତ କରୁଛନ୍ତି। ଏଠାକୁ ଜିଲା ଓ ଜିଲା ବାହାରୁ ପର୍ଯ୍ୟଟକ ଆସିଥା'ନ୍ତି । ଏଣୁ ଏହି ଆକର୍ଷଣୀୟ ପର୍ଯ୍ୟଟନ କେନ୍ଦ୍ର ନିକଟରେ ଏଭଳି ପ୍ରଦୂଷଣ ଯୋଗୁ ଲୋକେ ଉଦ୍‌ବେଗ ପ୍ରକାଶ କରୁଛନ୍ତି । ଏପରି କି ପର୍ଯ୍ୟଟକମାନେ ଭୋଜିଭାତ କରିବା ପାଇଁ ଏଠାକୁ ଆସୁଥିଲେ ହେଁ ଏହି ସବୁ ବାଲି, ପଥର ଜଙ୍ଗଲ ମଧ୍ୟରେ ଜମା ହୋଇଥିବାରୁ ବହୁ ଅସୁବିଧାର ସମ୍ମୁଖୀନ ହେଉଥିବା କହୁଛନ୍ତି। ଏହାଦ୍ୱାରା ଜଙ୍ଗଲର ସବୁଜିମା ନଷ୍ଟ ହେବା ସହ ଏହି ସ୍ଥାନର ମନୋରମ ଦୃଶ୍ୟ କ୍ଷତିଗ୍ରସ୍ତ ହେଉଛି । ଏହା ନିକଟ ବୈତରଣୀ ନଦୀରେ ପୋଲ ନିର୍ମାଣ ହେଉଥିବାରୁ ଉକ୍ତ ପୋଲ ପାଇଁ ବ୍ୟବହାର ହେଉଥିବା ବାଲି, ପଥର ଇତ୍ୟାଦି କେନ୍ଦ୍ର ନିକଟରେ ଗଦା କରାଯାଉଥିବା ଅଭିଯୋଗ ହେଉଛି । ଏଥିପାଇଁ ଅର୍ଥ ଆଦାୟ ହେଉଥିଲେ ହେଁ ସ୍ଥାନୀୟ ଜଣେ ପ୍ରଭାବଶାଳୀ ରାଜନୈତିକ ନେତାଙ୍କ ପକେଟକୁ ଯାଉଥିବା ଅଭିଯୋଗ ହେଉଛି । ଏଣୁ ତୁରନ୍ତ ଏଠାରେ ବାଲି, ପଥର ଜମାକୁ ବନ୍ଦ କରିବା ସହ ଜଙ୍ଗଲ ନଷ୍ଟ କରୁଥିବା ବ୍ୟକ୍ତିଙ୍କ ବିରୋଧରେ ଜଙ୍ଗଲ ସୁରକ୍ଷା ଆଇନ ବଳରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ଦାବି ହେଉଛି । ଏ ନେଇ ପାଟଣା ବିଡିଓ ଈଶ୍ୱର ଚନ୍ଦ୍ର ନାୟକ କହିଛନ୍ତି ଯେ, ଉକ୍ତ ବାଲି ପଥର ବ୍ୟକ୍ତିଗତ ଜମିରେ ଜମା ହୋଇଛି। ପର୍ଯ୍ୟଟନ କେନ୍ଦ୍ର ଜମିରେ ବା ଜଙ୍ଗଲରେ ଜମା ହୋଇଥିଲେ ପଦକ୍ଷେପ ନିଆଯିବ। ସେହିପରି ଜିଲା ପର୍ଯ୍ୟଟନ ଅଧିକାରୀ ରମେଶ ଚନ୍ଦ୍ର ନାୟକ କହିଛନ୍ତି ଯେ, ପର୍ଯ୍ୟଟନ କେନ୍ଦ୍ରକୁ ପରିଷ୍କାର ଓ ପରିଚ୍ଛନ୍ନ ରଖିବା ସହ ପ୍ରଦୂଷଣମୁକ୍ତ ରଖିବାକୁ ପଦକ୍ଷେପ ନିଆଯିବ।


ଭୀମକୁଣ୍ଡ ପର୍ଯ୍ୟଟନ କେନ୍ଦ୍ରର ପାର୍କିଂ ନିକଟରେ ପଥରଗୁଣ୍ଡ ଗଦା ହୋଇଛି।

## ଉଦ୍ଧାର ଭାଲୁ ଶାବକର ଚିକିତ୍ସାଧୀନ ଅବସ୍ଥାରେ ମୃତ୍ୟୁ


ଉଦ୍ଧାର ଭାଲୁ ଛୁଆ ମୃତ।

**ପାଟଣା, ୨।୨(ସ୍ୱ.ପ୍ର.)**

କେନ୍ଦୁଝର ଜିଲା ପାଟଣା ରେଞ୍ଜ୍ ସାହାରପଡା ସେକ୍ସନ ଫୁଲପାହାଡ଼ି ଗ୍ରାମ୍ୟ ଜଙ୍ଗଲରୁ ଶନିବାର ପୂର୍ବାହ୍ନରେ ଏକ କ୍ଷତବିକ୍ଷତ ଭାଲୁ ଶାବକକୁ ବନ ବିଭାଗ ଉଦ୍ଧାର କରି ପ୍ରାଥମିକ ଚିକିତ୍ସା ପରେ ଜଙ୍ଗଲରେ ଛାଡ଼ିଦେଇଥିଲା। ହେଲେ ବନ ବିଭାଗ ରବିବାର ସକାଳୁ ଦେଖିବାକୁ ପାଇଥିଲା ଯେ, ଭାଲୁ ଛୁଆଟିକୁ ତା ମା' ନେଇନାହିଁ ଆଉ ଭାଲୁଟି ଗୁରୁତର ରହିଛି। ବନ ବିଭାଗ ଭାଲୁ ଛୁଆଟିକୁ ପୁଣି ଆଣି ବଡ଼ବିଲ ପ୍ରାଥମିକ ଚିକିତ୍ସାଳୟରେ ଭର୍ତ୍ତି କରି ଚିକିତ୍ସା କରୁଥିବାବେଳେ ପୂର୍ବାହ୍ନରେ ତା'ର ଚିକିତ୍ସାଧୀନ ଅବସ୍ଥାରେ ମୃତ୍ୟୁ ଘଟିଛି। ଭାଲୁ ଶାବକଟି ଦୁଇ ତିନିମାସର ହେବ ବୋଲି ବନପାଳ ସୁକୁମାର ଜେନା କହିଛନ୍ତି। ଶାବକଟିର ମୃତଦେହକୁ ପୋତି ଦିଆଯାଇଛି ବୋଲି ପାଟଣା ରେଞ୍ଜର ପବିତ୍ର ମୋହନ ନାୟକ କହିଛନ୍ତି।

## ସଂକ୍ଷେପରେ

### ସ୍ୱଚ୍ଛ ଭାରତ କାର୍ଯ୍ୟକ୍ରମ

**ଚମ୍ପୁଆ, ୨।୨(ଡି.ଏନ୍.ଏ.)-** ଚମ୍ପୁଆ ବ୍ଲକ ରଜିଆ ପଞ୍ଚାୟତର ପତଳା ଗ୍ରାମରେ ସ୍ୱୟଂ ସହାୟକ ଗୋଷ୍ଠୀଗୁଡ଼ିକ ଦ୍ୱାରା ମିଳିତ ଭାବେ ସ୍ୱଚ୍ଛ ଭାରତ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏହି ପରିପ୍ରେକ୍ଷୀରେ ୬ ଗୋଟି ସ୍ୱୟଂ ସହାୟକ ଗୋଷ୍ଠୀ ଗ୍ରାମ ପୋଖରୀ ସହିତ ରାସ୍ତାଘାଟ ସଫା କରିଛନ୍ତି। ସୂଚନା ଅନୁସାରେ, ସ୍ୱଚ୍ଛ ଭାରତ ଯୋଜନା ଅନୁଯାୟୀ ନିଜ ଗ୍ରାମକୁ ସୁସ୍ଥ ରଖିବା ନିମିତ୍ତ ପତଳା ଗ୍ରାମର ସ୍ୱୟଂ ସହାୟକ ଗୋଷ୍ଠୀ ଶକ୍ତି ମା' ସ୍ୱପ୍ନେଶ୍ୱରୀ, ଶକ୍ତି ମା' କୀଚକେଶ୍ୱରୀ, ଶକ୍ତି ମା' ସମଲେଶ୍ୱରୀ, ଶକ୍ତି ମା' ଗୌରୀ, ବିଶ୍ୱ ମା' ବୃନ୍ଦାବତୀ ଓ ଶକ୍ତି ମା' ତାରିଣୀ ସ୍ୱୟଂ ସହାୟକ ଗୋଷ୍ଠୀର ପ୍ରାୟ ୭୦ ଜଣ ସଦସ୍ୟା ମିଳିତ ହୋଇ ଗ୍ରାମ ମଝିରେ ଥିବା ପତଳା ବନ୍ଧ ଓ ରାସ୍ତାଘାଟ ସଫେଇ କରିଛନ୍ତି। ସ୍ୱୟଂ ସହାୟକ ଗୋଷ୍ଠୀଗୁଡିକର ସଭାପତି ବିଳାସିନୀ ନାଏକ, ସୁଜାତା ସିଂ, ଉର୍ମିଳା ନାଏକ, ଅନିତା ଦାସ, ପ୍ରମିଳା ସେଠୀ ଓ ଗାୟତ୍ରୀ ନାଏକଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଏହି ସଫେଇ କାର୍ଯ୍ୟ କରାଯାଇଥିଲା। ଗାଁର ଲାଇଫ୍ ଲାଇନ୍ କୁହାଯାଉଥିବା ଏହି ବନ୍ଧକୁ ପ୍ରତ୍ୟହ ୩୦୦ରୁ ଊର୍ଦ୍ଧ୍ୱ ଲୋକ ବିଭିନ୍ନ କାର୍ଯ୍ୟ ପାଇଁ ବ୍ୟବହାର କରିଆସୁଥିବା ବେଳେ ନିକଟରେ ଥିବା ଚାଷଜମିକୁ ମଧ୍ୟ ଏଠାରୁ ଜଳ ଯୋଗାଇ ଦିଆଯାଇଥାଏ। ଦୀର୍ଘଦିନରୁ ଏହା ପଡ଼ିରହିଥିବା ବେଳେ ରବିବାର ଗ୍ରାମର ସ୍ୱୟଂ ସହାୟକ ଗୋଷ୍ଠୀମାନେ ମିଳିତ ଭାବେ ଏହାର ଉଦ୍ଧାର ପାଇଁ ଅଣ୍ଟା ଭିଡ଼ିଥିବା ଦେଖିବାକୁ ମିଳିଥିଲା। ବନ୍ଧ ଜଳକୁ ଦୂଷିତ କରୁଥିବା ବଣ ବୁଦା ଓ ପୋଖରୀ ମଧ୍ୟରେ ବଢ଼ିଥିବା ଅନାବନା ଘାସ ବୁଦାଗୁଡ଼ିକୁ ସଫା କରାଯାଇଥିଲା। ଏତଦ୍‌ବ୍ୟତୀତ ଗାଧୁଆ ଘାଟରେ ବାଉଁଶଘେରା ଦିଆଯାଇ ସାବୁନ ଖୋଳ ଓ ଅନାବଶ୍ୟକ ପଦାର୍ଥ ପକାଇବା ପାଇଁ ଡଷ୍ଟବିନ୍ ନିର୍ମାଣ କରାଯିବ ବୋଲି ଗୋଷ୍ଠୀ ସଦସ୍ୟମାନେ ମତ ଦେଇଥିଲେ।

### ବ୍ୟାଙ୍କ ୟୁନିୟନ ପକ୍ଷରୁ ଦାବିପତ୍ର ପ୍ରଦାନ

**କେନ୍ଦୁଝର, ୨।୨(ସ୍ୱ.ପ୍ର.)-** ୟୁନାଇଟେଡ ଫୋରମ ଅଫ ବ୍ୟାଙ୍କ ୟୁନିୟନ ପକ୍ଷରୁ କାର୍ଯ୍ୟବନ୍ଦ ଆନ୍ଦୋଳନ ଚାଲିଥିବା ବେଳେ ଶନିବାର ସେମାନଙ୍କ ବିଭିନ୍ନ ଦାବିକୁ ନେଇ ଜିଲାପାଳଙ୍କ ଜରିଆରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କୁ ଦାବିପତ୍ର ପ୍ରଦାନ କରିଛନ୍ତି। ୯ଟି ବୃହତ ବ୍ୟାଙ୍କ କର୍ମଚାରୀ ଟ୍ରେଡ ୟୁନିୟନକୁ ନେଇ ଏହି ଫୋରମ ଗଠନ ହୋଇଥିବା ବେଳେ ବିଭିନ୍ନ ଦାବି ମଧ୍ୟରେ ଦରମା ରିଭିଜନ ଓ ବୃଦ୍ଧି ଅନ୍ୟାନ୍ୟ ଦାବିରେ ଏହି ଦାବିପତ୍ର ଦେଇଥିବା ଜଣାପଡିଛି । ପ୍ରତ୍ୟେକ ପାଞ୍ଚ ବର୍ଷରେ ଦରମା/ମଜୁରୀ ରିଭିଜନ ହେବା ବ୍ୟବସ୍ଥା ଥିବା ବେଳେ ନଭେମ୍ବର ୨୦୧୭ରେ କରାଯାଇ ନ ଥିବାରୁ ସେମାନେ ଅସନ୍ତୋଷ ବ୍ୟକ୍ତ କରିଛନ୍ତି। ଏଣୁ ତୁରନ୍ତ ସେ ସମୟରୁ ଦରମା ରିଭିଜନ କରିବାକୁ ଦାବି କରିଛନ୍ତି।

### ବିଶ୍ୱଶାନ୍ତି ଗାୟତ୍ରୀ ମହାଯଜ୍ଞ

**କେନ୍ଦୁଝର, ୨।୨(ସ୍ୱ.ପ୍ର.)-** ସ୍ଥାନୀୟ ପୁରୁଣା ସହର ସିଦ୍ଧମଠଠାରେ ଓଁ ଶ୍ରୀ ଶ୍ରୀ ବିଶ୍ୱଶାନ୍ତି ଗାୟତ୍ରୀ ମହାଯଜ୍ଞ ସିଦ୍ଧକାଳୀ ମନ୍ଦିର ପରିସରରେ ଆରମ୍ଭ ହୋଇଛି। ଶୁକ୍ରବାର ଆରମ୍ଭ ହୋଇଥିବା ଏହି ମହାଯଜ୍ଞ ସୋମବାର ଉଦ୍‌ଯାପନ ହେବ । ଏହି ଅବସରରେ ବହୁସଂଖ୍ୟାରେ ଭକ୍ତ ସାମିଲ ହୋଇ ପୂଜାର୍ଚ୍ଚନା କରିବା ସହ ପ୍ରସାଦ ସେବନ କରିଥିଲେ। ପ୍ରତ୍ୟେକ ବର୍ଷ ଭଳି ଚଳିତବର୍ଷ ମଧ୍ୟ ଯଜ୍ଞ ଓ ପୂଜାର୍ଚ୍ଚନା କରାଯାଇଛି । ବହୁସଂଖ୍ୟାରେ ଭକ୍ତ ଯୋଗଦେଇ ପୂଜାରେ ସାମିଲ ହୋଇ ପ୍ରସାଦ ସେବନ କରିବାକୁ ଆୟୋଜକଙ୍କ ପକ୍ଷରୁ କୁହାଯାଇଛି ।

# ବିଏନ୍ ହାଇସ୍କୁଲ ପ୍ଲାଟିନମ୍ ଜୁବିଲି ଉଦ୍‌ଯାପିତ

**ଆନନ୍ଦପୁର, ୨।୨(ସ୍ୱ.ପ୍ର.)**

ଆନନ୍ଦପୁର ପୁରାତନ ଶିକ୍ଷାନୁଷ୍ଠାନ ବିଏନ୍ ହାଇସ୍କୁଲର ପ୍ଲାଟିନମ୍ ଜୁବିଲିର ଉଦ୍‌ଯାପନୀ ସଭାରେ ରାଜ୍ୟର ମହାମହିମ ରାଜ୍ୟପାଳ ପ୍ରଫେସର ଗଣେଶୀ ଲାଲ ଯୋଗଦେଇ 'ସବ୍ କୋ ପ୍ୟାର୍ କରୋ', ଧର୍ମର ସ୍ଥାପନା ପାଇଁ ଅଧର୍ମ କରିବା ଭୁଲ୍ ନୁହେଁ ଭଳି ବହୁ ମୂଲ୍ୟବାନ ବକ୍ତବ୍ୟ ପ୍ରଦାନ କରି ପୁରାତନ ଛାତ୍ର ତଥା ବର୍ତ୍ତମାନର ଛାତ୍ରମାନଙ୍କୁ ଉତ୍ସାହିତ କରିଥିଲେ। ପୂର୍ବ ନିର୍ଦ୍ଧାରିତ କାର୍ଯ୍ୟସୂଚୀ ଅନୁଯାୟୀ ରାଜ୍ୟପାଳ ଆନନ୍ଦପୁର ବିଏନ୍ ହାଇସ୍କୁଲ ପ୍ଲାଟିନମ୍ ଜୁବିଲି ଉତ୍ସବରେ ଯୋଗଦେଇଥିଲେ। ପୁରାତନ ଛାତ୍ର ସଂସଦ ପକ୍ଷରୁ ଆୟୋଜିତ ଏହି କାର୍ଯ୍ୟକ୍ରମର ଉଦ୍‌ଯାପନୀ ଦିବସରେ ଅନ୍ୟମାନଙ୍କ ମଧ୍ୟରେ ଖଣ୍ଡପଡ଼ା ବିଧାୟକ ସୌମ୍ୟରଞ୍ଜନ ପଟ୍ଟନାୟକ, ପୂର୍ବତନ ଏମ୍‌ପି ତଥା ପୁରାତନ ଛାତ୍ର ସିଦ୍ଧାନ୍ତ ମହାପାତ୍ର, ଜୁବିଲି କମିଟିର ମୁଖ୍ୟ ପୁରୋଧା ନିରଞ୍ଜନ ପଟ୍ଟନାୟକ ପ୍ରମୁଖ ଯୋଗଦେଇ ବିଦ୍ୟାଳୟର ଗରିମା ବୃଦ୍ଧି ପାଇଁ ପୁରାତନ ଛାତ୍ରମାନଙ୍କର ଉଦ୍ୟମ ଏକାନ୍ତ ଆବଶ୍ୟକ ବୋଲି କହିଥିଲେ। ଏହାସହିତ ମୋ ସ୍କୁଲ ଯୋଜନାରେ ପୁରାତନ ଛାତ୍ରମାନେ ଅନୁଦାନ ଦେଇ ବିଦ୍ୟାଳୟର ପୂର୍ବ ଗରିମାକୁ ବୃଦ୍ଧି କରିବାକୁ ଆହ୍ୱାନ ଦେଇଥିଲେ। କମିଟିର ସଭାପତି ଇଂ. ଶ୍ରୀଧର ବେହେରା ମଞ୍ଚ ପରିଚାଳନା କରିଥିବାବେଳେ ସମ୍ପାଦକ ମହେଶ୍ୱର ସାହୁ ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ। ଏଥିରେ ବହୁ ପୁରାତନ ଛାତ୍ର ଯୋଗଦେଇ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ। ସନ୍ଧ୍ୟାରେ ପୁରାତନ ଛାତ୍ରମାନଙ୍କ ଦ୍ୱାରା ଏକ କ୍ଷୁଦ୍ର ନାଟକ ପରିବେଷଣ ହୋଇଥିଲା। ମୀରା ଦାସଙ୍କ ନୃତ୍ୟ ସାଙ୍ଗକୁ ସିଂହବାଜା, ମେଲୋଡି କାର୍ଯ୍ୟକ୍ରମରେ ଦର୍ଶକ ବିଭୋର ହୋଇଥିଲେ।



ପ୍ଲାଟିନମ୍ ଜୁବିଲି ଅବସରରେ ରାଜ୍ୟପାଳ ପ୍ରଫେସର ଗଣେଶୀ ଲାଲ ଅଭିଭାଷଣ ଦେଉଛନ୍ତି।

## 'ଶିଶୁ ସୁସ୍ଥ ରହିଲେ ଦେଶର ପ୍ରଗତି ହେବ'

**କେନ୍ଦୁଝର, ୨।୨(ଡି.ଏନ୍.ଏ.)**

କେନ୍ଦୁଝରଗଡ ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିରଠାରେ ଏକ ଯୋଗ କର୍ମଶାଳା ଅନୁଷ୍ଠିତ ହୋଇଯାଇଛି। ଏହି କର୍ମଶାଳାରେ ପତଞ୍ଜଳି ଯୋଗ ପୀଠ, ହରିଦ୍ୱାରର ପୂଜ୍ୟ ସ୍ୱାମୀ ଓମ୍ ଦେବଜୀ ଯୋଗ ଦେଇ ଶିଶୁମାନଙ୍କୁ ପ୍ରାଣାୟାମ ଦ୍ୱାରା ନିଜର ଦାୟିତ୍ୱ ଓ କର୍ତ୍ତବ୍ୟ ପ୍ରତି ସର୍ବଦା ସଚେତନ ରହି ସର୍ବଶ୍ରେଷ୍ଠ ସଫଳତା ପ୍ରାପ୍ତ ହେବା ସହିତ ମହାପୁରୁଷମାନଙ୍କ ପରି ଶକ୍ତିମାନ, ଜ୍ଞାନବାନ ଓ ଐଶ୍ୱର୍ଯ୍ୟବାନ ହେବାକୁ ବକ୍ତବ୍ୟ ପ୍ରଦାନ କରିଥିଲେ । ପୂଜ୍ୟ ସ୍ୱାମୀ ଜଗତ ଦେବ ଯୋଗ ଓ ପ୍ରାଣାୟାମର ମହତ୍ତ୍ୱ ସମ୍ପର୍କରେ ଅବଗତ କରାଇ ସମସ୍ତେ ସୁସ୍ଥ ଓ ନୀରୋଗ ଜୀବନ ତଥା ଆନନ୍ଦମୟ ଜୀବନଯାପନ କରିବାର ଉପାୟ କହିଥିଲେ । ସଭା ପ୍ରାରମ୍ଭରେ ବିଦ୍ୟାଳୟର ପ୍ରଧାନଆଚାର୍ଯ୍ୟ ରାଜେନ୍ଦ୍ର ପ୍ରସାଦ ଅଗସ୍ତି ସ୍ୱାଗତ ଭାଷଣ ଓ ଅତିଥି ପରିଚୟ ପ୍ରଦାନ କରିଥିଲେ। ପ୍ରତ୍ୟେକ ଶିଶୁ ସୁସ୍ଥ ରହିଲେ ହିଁ ଦେଶର ପ୍ରଗତି ହେବ ବୋଲି କହିଥିଲେ।

## ସମାଜସେବୀ ମହାସଂଘ ପ୍ରତିଷ୍ଠା ଦିବସ


ପ୍ରତିଷ୍ଠା ଦିବସରେ ଉପସ୍ଥିତ ଅତିଥିମାନେ।

**କେନ୍ଦୁଝର, ୨।୨ (ସ୍ୱ.ପ୍ର./ଡି.ଏନ୍.ଏ.)**

କେନ୍ଦୁଝର ନଗରଭବନଠାରେ କେନ୍ଦୁଝର ଜିଲାର ସାମାଜିକକର୍ମୀ ମହାସଂଘ ଗୁଡ଼ିକ ପକ୍ଷରୁ ରବିବାର ପ୍ରତିଷ୍ଠା ଦିବସ ପାଳନ କରାଯାଇଛି। ଏଥିରେ ମୁଖ୍ୟ ଅତିଥି ଭାବେ ପଦ୍ମଶ୍ରୀ ଦୈତାରୀ ନାୟକ ଯୋଗଦେଇଥିବାବେଳେ ସମାଜସେବିକା ସାଧନା ମିଶ୍ର କମାଣ୍ଡିଙ୍ଗ ଅଫିସର ୧୪ ଓଡ଼ିଶା ବାଟାଲିୟନ ଏନସିସିସି ଚନ୍ଦ୍ରଶେଖର ସଭାପତି ରାଜ୍ୟ ସମାଜସେବୀ ମହାସଂଘ ନରୋତ୍ତମ ଦାସ ଅଧ୍ୟକ୍ଷ ସେବା ଫାଉଣ୍ଡେସନ ସରୋଜ କୁମାର ସାହୁ, ବରିଷ୍ଠ ରିଡର ଇଂରାଜୀ ବିଭାଗ ଧରଣୀଧର ସ୍ୱୟଂଶାସିତ ମହାବିଦ୍ୟାଳୟ ଡକ୍ଟର ଅନୀଲ କୁମାର ଦାଶ, ସିଟିଜି ଫାଉଣ୍ଡେସନର ରାଜେନ୍ଦ୍ର ପଲେଇ ଯୋଗଦେଇଥିଲେ। କେନ୍ଦୁଝର ଜିଲାକୁ ସମାଜସେବୀ ମହାସଂଘ ମାନଙ୍କ ମିଳିତ ସହଯୋଗରେ କାମ କରିବାକୁ ନିଷ୍ପତ୍ତି ନିଆଯାଇଥିଲା। ଏହା ସହିତ କେନ୍ଦୁଝର ସମେତ ଓଡ଼ିଶାର ପ୍ରତିଷ୍ଠିତ ସମାଜସେବୀ ସଂଘ ଯୋଗଦେଇଥିଲେ। କୁନିକୁନି ପିଲାମାନଙ୍କୁ ନେଇ କେନ୍ଦୁଝର ଆରାଧ୍ୟ ମା'ତାରିଣୀଙ୍କ ଭଜନ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଶଣ ହୋଇଥିଲା। ଆଗାମୀ ଦିନରେ ଯୁବପିଢି ଏକତ୍ରିତ ହୋଇ କାମ କରିବାକୁ ନିର୍ଦ୍ଦେଶ ଦିଆଯାଇଥିଲା। କେନ୍ଦୁଝର ଅଗ୍ରଣୀ ହ୍ୟାଣ୍ଡସ ଫର ହେଲପ ପ୍ରମୁଖ ଭୂମିକା ଗ୍ରହଣ କରିବା ସହ ମୁଖ୍ୟ ପରିଚାଳନା କରିଥିଲେ।

# ଗ୍ରାମକୁ ବିଦ୍ୟୁତ୍ ସଂଯୋଗର ଶୁଭାରମ୍ଭ


ସୌଭାଗ୍ୟ ଯୋଜନାରେ ବିଦ୍ୟୁତ୍ ସଂଯୋଗର ଆରମ୍ଭ।

**ଯୋଡ଼ା, ୨।୨(ଡି.ଏନ୍.ଏ.)**

କେନ୍ଦୁଝର ଜିଲା ଯୋଡ଼ା ବ୍ଲକ ଅନ୍ତର୍ଗତ ବଲାଣୀ ପଞ୍ଚାୟତର ଡୁମୁର୍ଦା ଗ୍ରାମର ମଝିସାହି, ତଳସାହି ଏବଂ ଲସର୍ଦା ଗ୍ରାମର ବୁରୁସାହିରେ ସୌଭାଗ୍ୟ ଯୋଜନାରେ ବିଦ୍ୟୁତ୍ ସଂଯୋଗ ରବିବାର ପୂର୍ବାହ୍ନରେ ଶୁଭାରମ୍ଭ କରାଯାଇଛି। ଏହି କାର୍ଯ୍ୟକ୍ରମରେ ଅତିଥି ଭାବେ ବଲାଣୀ ସରପଞ୍ଚ ବାସନ୍ତୀ ନାଏକ, ଜିଲା ପରିଷଦ ସଭ୍ୟା ଜୟନ୍ତୀ ବାନ୍‌ରାଙ୍କ ସମେତ ସ୍ଥାନୀୟ ଗ୍ରାମବାସୀ କାର୍ତ୍ତିକେଶ୍ୱର ଖିଲାର, ଡକ୍ଟର ଖିଲାର, ବିନୋଦ ମହାକୁଡ, ଦିଲୀପ ଆପଟ, ଗୋବର୍ଦ୍ଧନ ସାହୁ, ଗୌରାଙ୍ଗ ଦାସ ଏବଂ ବିଦ୍ୟୁତ୍ ବିଭାଗର କର୍ମଚାରୀ ଦୁଃଶାସନ ମହାନ୍ତ ଉପସ୍ଥିତ ଥିଲେ। ରବିବାର ଡୁମୁର୍ଦା ଗ୍ରାମରେ ୧୧୬ ଜଣ ଏବଂ ଲସର୍ଦା ଗ୍ରାମରେ ୨୩ ଜଣଙ୍କୁ କେନ୍ଦ୍ର ସରକାରଙ୍କ ସୌଭାଗ୍ୟ ଯୋଜନାରେ ମାଗଣାରେ ବିଦ୍ୟୁତ୍ ସଂଯୋଗ ଦିଆଯାଇଥିଲା । ଏହି ଅବସରରେ ସରପଞ୍ଚ ନାଏକ କହିଛନ୍ତି ଯେ, ସ୍ୱାଧୀନତାର ୭୨ ବର୍ଷ ପରେ ମଧ୍ୟ ଏ ଅଞ୍ଚଳର ଗରିବ ଲୋକ ବିଦ୍ୟୁତ୍ ସଂଯୋଗ ପାଇ ନ ଥିଲେ। ଯୋଡ଼ା ବ୍ଲକର ଏହି ଉପାନ୍ତ ଅଞ୍ଚଳରେ ବିଜୁଳି ସମସ୍ୟାକୁ ଧରିତ୍ରୀ ପ୍ରକାଶିତ କରିଥିବାରୁ ସେ ଧନ୍ୟବାଦ ଜଣାଇଥିଲେ।

## ଜାଗର ପାଇଁ ପ୍ରସ୍ତୁତି

**କେନ୍ଦୁଝର/ଝୁମ୍ପୁରା, ୨।୨(ସ୍ୱ.ପ୍ର./ଡି.ଏନ୍.ଏ.)**

ଝୁମ୍ପୁରା ବ୍ଲକ ବସନ୍ତପୁର ନିକଟରେ ଥିବା ବାବା ମୁକ୍ତେଶ୍ୱର କମିଟି ପକ୍ଷରୁ ଜାଗର ଉପଲକ୍ଷେ ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। ବାବୁରାମ ନାୟକଙ୍କ ଆବାହକତ୍ୱରେ କଟୁପାଲି, ଜଳପାପଶି ଓ ନୟାଗଡ଼ ଅଞ୍ଚଳର ଲୋକେ ଉପସ୍ଥିତ ଥିଲେ। ଭଲେଶ୍ୱର କାଲୋଙ୍କ ସଭାପତିତ୍ୱରେ ଜାଗର ପାଇଁ ଆଲୋଚନା ହୋଇ ଚୂଡ଼ାନ୍ତ କାର୍ଯ୍ୟକ୍ରମ ପ୍ରସ୍ତୁତ କରାଗଲା। ଏହି ଅବସରରେ ଭଜନ ସମାରୋହ ହେବ। ପୂଜକ ଆନନ୍ଦ ଷଡ଼ଙ୍ଗୀ, ଦୁଆରି ଶୈଳେନ୍ଦ୍ର କାଣ୍ଡି ପୂଜା ପାଇଁ ପ୍ରସ୍ତାବ ଦେଇଥିଲେ। କଟୁପାଲି ଗ୍ରାମର ଶ୍ୟାମସୁନ୍ଦର ବେହେରା, ଅଜିତ ବେହେରା, ଜଳପାପଶି ଗ୍ରାମର ରବୀନ୍ଦ୍ର ମହାନ୍ତ ଓ ନିରଞ୍ଜନ ମହାନ୍ତ, ନୟାଗଡ଼ ଗ୍ରାମର ଶଙ୍ଖାଳି ନାୟକ ଓ ତରଣୀସେନ ନାୟକ ଆଲୋଚନାରେ ଭାଗନେଇ ଚଳିତ ବର୍ଷର ସମସ୍ତ କାର୍ଯ୍ୟକ୍ରମକୁ ସୁରୁଖୁରୁରେ ପାଳନ କରିବା ପାଇଁ ବିଭିନ୍ନ ପ୍ରସ୍ତାବ ଦେଇଥିଲେ।

# ଡ୍ରେନେଜ ବ୍ୟବସ୍ଥା ନାହିଁ, ବଜାର ଅଞ୍ଚଳରେ ପାଣି


ଡ୍ରେନ ନ ଥିବାରୁ ବର୍ଷା ହେଲେ ପାଣି ଜମି ରହୁଛି ।

**ତେଲକୋଇ, ୨।୨(ଡି.ଏନ.ଏ.)**

ତେଲକୋଇ ବ୍ଲକ ମୁଖ୍ୟାଳୟ ଠାରୁ ଗୋଳାବନ୍ଧ ଛକ ଦେଇ ଜଗମୋହନପୁର ବଜାର ଅଞ୍ଚଳକୁ ପିଡବ୍ଲ୍ୟୁଡି ରାସ୍ତା ନିର୍ମାଣ କରାଯାଉଛି । ମୁଖ୍ୟତଃ ଗୋଳାବନ୍ଧ ଛକ ଠାରୁ ଜଗମୋହନପୁର ୩କି.ମି. ରାସ୍ତା ପ୍ରଶସ୍ତିକରଣ କରାଯାଉଛି। ଏହି ରାସ୍ତା ଜଗମୋହନପୁର ଠାରେ ୪୯ ନଂ ଜାତୀୟ ରାଜପଥକୁ ସଂଯୋଗ ରହିଛି । ତେବେ ରାସ୍ତା ନିର୍ମାଣ କରାଯାଉଥିବା ବେଳେ ଜଗମୋହନପୁର ବଜାର ଅଞ୍ଚଳରେ ଡ୍ରେନଜ ବ୍ୟବସ୍ଥା କରାଯାଉ ନ ଥିବା ଯୋଗୁ ଏବେ ସାମାନ୍ୟ ବର୍ଷା ହେଲେ ବଜାର ଅଞ୍ଚଳ ଜଳମଗ୍ନ ହୋଇପଡ଼ିଛି। ଏନେଇ ଜଗମୋହନପୁର ବଣିକ ସଂଘ ବିଭାଗୀୟ ଅଧିକାରୀଙ୍କୁ ଅଭିଯୋଗ କରିଛନ୍ତି। ଅଭିଯୋଗକାରୀଙ୍କ ମଧ୍ୟରେ ଜଗମୋହନପୁର ବଣିକ ସଂଘର ସଭାପତି ପ୍ରଦିପ ମିଶ୍ର ସମେତ ଜିତେନ ପରିଡା, ଶ୍ରୀକାନ୍ତ ସାହୁ, ଟୁକୁ ମହାରାଣା ସହିତ ସମସ୍ତ ସଂଘ କର୍ମକର୍ତ୍ତା ମାନେ ସାମିଲ ହୋଇଛନ୍ତି। ସଂଘ ସଭାପତିଙ୍କ କହିବାନୁଯାୟୀ କୋଟିଏ ଟଙ୍କାରୁ ଅଧିକ ଖର୍ଚ୍ଚ ହୋଇଥିବା ରାସ୍ତା କାର୍ଯ୍ୟରେ ଡ୍ରେନଜ ବ୍ୟବସ୍ଥା ନଥିବା ଯୋଗୁ ସମସ୍ତ ଦୋକାନ ଆଗରେ ପାଣି ଜମୁଥିବା ଯୋଗୁଁ ବିଭାଗୀୟ ଅଧିକାରୀଙ୍କୁ ଜଣାଇଛୁ। ଏହାର ପ୍ରତିକାର ନହେଲେ ରାସ୍ତା ନିର୍ମାଣକୁ ବିରୋଧ କରିବୁ। ଏସମ୍ପର୍କରେ ବିଭାଗୀୟ ଯନ୍ତ୍ରୀ ପଞ୍ଚାନନ ଧରଣୀଆଙ୍କୁ ପଚାରିବାରୁ ଡ୍ରେନ କରାଯିବାର ଯୋଜନା ହୋଇଛି। ତେବେ ଆମେ ରାସ୍ତା ନିର୍ମାଣ ଉପରେ ଗୁରୁତ୍ୱ ଦେଇଥିବା ଯୋଗୁ ଏବେ ଡ୍ରେନ ନିର୍ମାଣ କାର୍ଯ୍ୟ ଆରମ୍ଭ କରାଯିବ ବୋଲି ସେ ତାଙ୍କ ପ୍ରତିକ୍ରିୟାରେ କହିଛନ୍ତି।

# ଆନନ୍ଦପୁରରେ ଅଭିନେତା ସିଦ୍ଧାନ୍ତ

■ ଛାତ୍ର ଜୀବନର ସ୍ମୃତି ବାଣ୍ଟିଲେ
■ ସାଜିଲେ ଫଟୋଗ୍ରାଫର

**ଜିତେନ୍ଦ୍ର ସାହୁ**
**ଘସିପୁରା, ୨।୨**

ଆନନ୍ଦପୁରର ପ୍ରତିଷ୍ଠିତ ପୁରାତନ ବଳଭଦ୍ର ନାରାୟଣ ସ୍କୁଲ ପ୍ଲାଟିନମ ଜୁବିଲି ପାଳୁଥିବା ବେଳେ ସ୍କୁଲର ବହୁ ପୁରାତନ ଛାତ୍ର ଏକାଠି ହୋଇଛନ୍ତି। ସେମାନଙ୍କ ମଧ୍ୟରୁ ରାଜ୍ୟ ଚଳଚ୍ଚିତ୍ର ଜଗତର ସୁପର ଷ୍ଟାର ସିଦ୍ଧାନ୍ତ ମହାପାତ୍ର ଅନ୍ୟତମ। ସେ ଏହି ସ୍କୁଲର ୧୯୮୨ ବ୍ୟାଚ୍‌ର ଛାତ୍ର। ରବିବାର ଏହି ଉତ୍ସବରେ ଯୋଗଦେବାକୁ ଆସି ଅଭିନେତା ସିଦ୍ଧାନ୍ତ ମହାପାତ୍ର ଛାତ୍ର ଜୀବନର ସ୍ମୃତି ସାଉଁଟିଛନ୍ତି। ସ୍କୁଲର କ୍ଲାସରୁମ୍ ବୁଲିବା ସହ ଶିକ୍ଷୟିତ୍ରୀଶିକ୍ଷକଙ୍କୁ ଭେଟିଥିଲେ। ସେହିପରି ନିଜ ବ୍ୟାଚ୍‌ର ୨୦ରୁ ଅଧିକ ପୁରାତନ ଛାତ୍ରଙ୍କ ସହ ସେ ବୈତରଣୀ ନଦୀ ଓ ବ୍ୟାରେଜ୍ ପରିସର ବୁଲି ମଉଜ ମଜଲିସ୍ କରିଥିଲେ। ଏହି ସମୟରେ ସିଦ୍ଧାନ୍ତ ନିଜେ ଫଟୋଗ୍ରାଫର ସାଜିଥିଲେ। ନିଜେ ଆଣିଥିବା କ୍ୟାମେରାରେ ସ୍କୁଲ ବେଳର ସାଙ୍ଗମାନଙ୍କ ସହ ଅନେକ ଫଟୋ ଉଠାଇଥିଲେ। ପିଲାଦିନେ ସେ ଘସିପୁରାରେ ନିଜ ମା'ଙ୍କ ସରକାରୀ କ୍ୱାର୍ଟରରେ ରହୁଥିବା ବେଳେ ସ୍କୁଲ ଆସିବାକୁ ତାଙ୍କୁ ନଦୀ ପାର ହେବାକୁ ପଡ଼ିଥାଏ। ଖରାଦିନେ ପାଣି ଭିତରେ ପଶି ଏବଂ ବର୍ଷାଦିନେ ବୈତରଣୀ ନଦୀ ଡଙ୍ଗାରେ ପାରହେବା ଅନୁଭୂତିକୁ ମନେପକାଇ ସେ ଭାବବିହ୍ୱଳ ହୋଇପଡ଼ିଥିଲେ। ଏହି ବିଦ୍ୟାଳୟ ଅନେକ ସୁଯୋଗ୍ୟ ଛାତ୍ରଙ୍କୁ ଗଢ଼ିତୋଳିଛି। ତେଣୁ ସେ ଏହାର ଉତ୍ତରୋତ୍ତର ଉନ୍ନତି କାମନା କରିଛନ୍ତି।


ଫଟୋ ଉତ୍ତୋଳନ କରୁଛନ୍ତି ପୂର୍ବତନ ଏମ୍‌ପି ସିଦ୍ଧାନ୍ତ।

# ପ୍ରଦୂଷଣରେ ଅଣନିଃଶ୍ୱାସୀ ଅଞ୍ଚଳବାସୀ

**କେନ୍ଦୁଝର, ୨।୨(ସ୍ୱ.ପ୍ର.)**

କେନ୍ଦୁଝର ଜିଲା ବାଂଶପାଳ ବ୍ଲକ ତଳକଇଁସାରୀ ପଞ୍ଚାୟତର ଉପରକଇଁସାରୀ ଗ୍ରାମରେ ଗତ କିଛିଦିନ ମଧ୍ୟରେ ଅଜଣା ରୋଗରେ ଆକ୍ରାନ୍ତ ହୋଇ ରାମ ମୁଣ୍ଡା(୪୩) ଓ ସୁନା ମୁଣ୍ଡା (୪୦)ଙ୍କର ମୃତ୍ୟୁ ହୋଇଥିଲା। ହେଲେ ପ୍ରଶାସନର ଚେତା ପଶୁ ନ ଥିବାରୁ ସ୍ଥାନୀୟ ଅଞ୍ଚଳବାସୀ ଉଦ୍‌ବେଗ ପ୍ରକାଶ କରିଛନ୍ତି।

ଖଣି ଉପତ୍ୟକାରେ ଅବସ୍ଥିତ ଉକ୍ତ ଗ୍ରାମ ଦୀର୍ଘବର୍ଷ ହେଲା ଅବହେଳିତ ହୋଇରହିଛି। ଏଠାରେ ପାଖାପାଖି ୫୦୦ ଲୋକ ଭୂୟାଁ ଆଦିବାସୀ ଓ ଅନ୍ୟ ଜାତିର ଲୋକ ବସବାସ କରୁଛନ୍ତି । ଜିଲା ମୁଖ୍ୟାଳୟଠାରୁ ପ୍ରାୟ ୧୫ କି.ମି. ଦୂରରେ ଏହି ଗ୍ରାମ ଅବସ୍ଥିତ। ଦୀର୍ଘବର୍ଷ ହେଲା ଗମନାଗମନ, ଶିକ୍ଷା, ସ୍ୱାସ୍ଥ୍ୟ, ପାନୀୟଜଳ ଆଦି ସମସ୍ୟା ଲାଗିରହିଥିବା ବେଳେ ପ୍ରଦୂଷଣ ମୁଖ୍ୟ ସମସ୍ୟା ହୋଇ ରହିଛି । ପାଖରେ ଥିବା ଗନ୍ଧମାର୍ଦ୍ଦନ ପାହାଡ଼ରେ ଚାଲିଥିବା ଖଣିର ମଇଳା ଆବର୍ଜନା ଠିକ୍ ଭାବେ ପରିଚାଳନା କରାଯାଉ ନ ଥିବାରୁ ସେସବୁ ଉଡ଼ି ବା ବର୍ଷାପାଣିରେ ଭାସିଆସି ଆଖପାଖ ନଦୀ, ଝରଣା ତଥା ଜଳାଶୟକୁ ପ୍ରଦୂଷିତ କରୁଛି। ଜଳ ପ୍ରଦୂଷଣ ଯୋଗୁ ଲୋକମାନେ ମଇଳା ପାଣି ପିଇ ବା ମଇଳା ପାଣିରେ ଗାଧୋଇ ବିଭିନ୍ନ ରୋଗରେ ଆକ୍ରାନ୍ତ ହେଉଥିବା ଲୋକେ କହୁଛନ୍ତି। ଏହାକୁ ନେଇ ସ୍ଥାନୀୟ ପଞ୍ଚାୟତଠାରୁ ଆରମ୍ଭକରି ବ୍ଲକ କର୍ତ୍ତୃପକ୍ଷ, ଜିଲା ପ୍ରଶାସନ ତଥା ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ ଗୁରୁତ୍ୱ ଦେଉ ନ ଥିବାରୁ ଏଭଳି ଅଜଣା ରୋଗରେ ମୃତ୍ୟୁସଂଖ୍ୟା ବଢ଼ିବା ଆଶଙ୍କା ରହିଥିବା ସ୍ଥାନୀୟ ଅଞ୍ଚଳବାସୀ ଚିନ୍ତା ପ୍ରକଟ କରିଛନ୍ତି। ଏଭଳି ସମସ୍ୟା ଆଖପାଖ ବହୁ ଗ୍ରାମରେ ଲାଗିରହିଛି । ସରକାରଙ୍କ ଦାରିଦ୍ର୍ୟ ଦୂରୀକରଣ ଯୋଜନା ଓ ବିକାଶମୂଳକ ଯୋଜନା ଅପହଞ୍ଚ ହୋଇ ରହିଛି। ବହୁସଂଖ୍ୟାରେ ଖଣିଜପଥର ବୋଝେଇ ଟ୍ରକ୍ ଚଳାଚଳ କରୁଥିବାରୁ ଧୂଳିଧୂଆଁ ଉଡି ବାୟୁମଣ୍ଡଳକୁ ପ୍ରଦୂଷିତ କରୁଛନ୍ତି। ଜଳ ସିଞ୍ଚନ କରାଯାଉନାହିଁ କିମ୍ବା ଖଣିଜପଥର ଘୋଡ଼ାଇ ପରିବହନ ହେଉ ନ ଥିବା ଅଭିଯୋଗ ହେଉଛି । ସେହିପରି ମଇଳା ଆବର୍ଜନା ପରିଚାଳନା ଠିକ୍ ଭାବେ କରାଯାଉ ନ ଥିବାରୁ ଖଣିର ବର୍ଜ୍ୟବସ୍ତୁ ଏଣେତେଣେ ପଡୁଛି। ପବନରେ ଉଡ଼ି ବା ପାଣିରେ ବୋହି ଆଖପାଖ ଅଞ୍ଚଳରେ ପ୍ରଦୂଷଣ ସୃଷ୍ଟି କରୁଛି। ଖଣି ଅଞ୍ଚଳ ବା ଖଣି ଦ୍ୱାରା କ୍ଷତିଗ୍ରସ୍ତ ଅଞ୍ଚଳର ସୁରକ୍ଷା ଏବଂ ବିକାଶ ପାଇଁ ଖଣି ସଂସ୍ଥା ଓ ଜିଲା ଖଣିଜ ପ୍ରତିଷ୍ଠାନ ପାଣ୍ଠିରୁ ପାଣି ଭଳି ଅର୍ଥ ଖର୍ଚ୍ଚ କରାଯାଉଥିବା ଦାବି ହେଉଥିଲେ ହେଁ ଏହି ଆଦିବାସୀ ଅଧ୍ୟୁଷିତ ଖଣି ଅଞ୍ଚଳକୁ ଅନୁଧ୍ୟାନ କଲେ ସେସବୁ ଅର୍ଥ କିପରି ଖର୍ଚ୍ଚ ହେଉଛି, ତାହା ବେଶ୍ ଅନୁମାନ କରିହେବ । ଖଣି ଯୋଗୁ ଜଙ୍ଗଲ ବହୁମାତ୍ରାରେ କ୍ଷତିଗ୍ରସ୍ତ ହେଉଛି । ସେହିପରି ସ୍ଥାନୀୟ ଅଞ୍ଚଳ ଲୋକଙ୍କୁ ନିଯୁକ୍ତି ମିଳୁ ନ ଥିବାରୁ ବାହାରକୁ ଦାଦନ ଖଟିବାକୁ ଯାଉଥିବା ବେଳେ ବାହାର ଲୋକ ଓ ମେଶିନରେ କାମ ହେଉଥିବାରୁ ବେକାରି ସମସ୍ୟା ଗୁରୁତର ହୋଇପଡ଼ିଛି। ଏ ନେଇ ଗନ୍ଧମାର୍ଦ୍ଦନ ଖଣି (ଓଏମ୍‌ସି)ର ସାଧାରଣ ପରିଚାଳକ ଅମ୍ବିକା ମହାପାତ୍ର କହିଛନ୍ତି ଯେ, ବହୁସଂଖ୍ୟାରେ ଲୁହାପଥର ବୋଝେଇ ଗାଡ଼ି ଚଳାଚଳ କରୁଥିବାରୁ ଧୂଳିଧୂଆଁ ଉଡୁଛି । ସେସବୁ ରୋକିବା ପାଇଁ ପଦକ୍ଷେପ ନିଆଯାଉଛି । ଏହାଛଡ଼ା ଉକ୍ତ ଅଞ୍ଚଳର ବିକାଶ କାର୍ଯ୍ୟ ପଞ୍ଚାୟତରୁ ଆସୁଥିବା ପ୍ରସ୍ତାବ ଅନୁଯାୟୀ ସିଏସ୍‌ଆର (ସାମାଜିକ ଦାୟିତ୍ୱବୋଧ) କାର୍ଯ୍ୟକ୍ରମ କରାଯାଉଛି ।

# ଗାଁ ଲୋକଙ୍କୁ ଚୁଆ ପାଣି ଭରସା

କପ୍ତିପଦା, ୨।୨(ଡି.ଏନ୍.ଏ.)

କପ୍ତିପଦା ବ୍ଲକ ଅଧୀନ ଲାବଣ୍ୟଦେଇପୁର ପଞ୍ଚାୟତର ଗଜାପଥର ଓ ଶରତ ପଞ୍ଚାୟତର ଅଶ୍ୱକୂଟୀ ଛକ ସାହି ଗ୍ରାମ ଏବେ ବି ପ୍ରଶାସନର ଦୃଷ୍ଟି ଆଢୁଆଳରେ ରହିଛି। ଫଳରେ ଗଜାପଥର ଗ୍ରାମରେ ଆଦିବାସୀ ସମ୍ପ୍ରଦାୟର ୩୦୦ ଓ ଅଶ୍ୱକୂଟୀ ଛକସାହିରେ ୧୦୦ରୁ ଉର୍ଦ୍ଧ୍ୱ ଲୋକ ନାହିଁ ନ ଥିବା ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ବାରମ୍ବାର ଅଭିଯୋଗ ପରେ ମଧ୍ୟ ପ୍ରଶାସନ ନୀରବଦ୍ରଷ୍ଟା। ଅଦ୍ୟାବଧି ଗଜାପଥର ଗ୍ରାମର ଲୋକ ମାନେ ଚୁଆ ପାଣି ପିଉଛନ୍ତି। ସରକାରୀ ଭାବେ ଏହି ଗାଁରେ କେବଳ ଗୋଟିଏ ଛୋଟ ଗଡିଆ ଓ ଏକ ନଳକୂଅ ରହିଛି । ଯାହାକି ଖରାଦିନେ ଶୁଖିଯାଏ। ଏହାପରେ ଗ୍ରାମବାସୀ ବାଧ୍ୟ ହୁଅନ୍ତି ବିଲ ମାନଙ୍କରେ ଚୁଆ ତାଡି ସେହି ପାଣିକୁ ବ୍ୟବହାର କରିବା ପାଇଁ । ଗାଁରେ ଛୋଟ ଛୋଟ ପିଲାମାନେ ମଧ୍ୟ ସେହି ଦୂଷିତ ପାଣି ପିଇବାକୁ ବାଧ୍ୟ ହୋଇଥାନ୍ତି। ଗୋଳିଆ ପାଣି ଗଡିଆରେ ଗାଧୋଇବା ଓ ଚୁଆ ପାଣି ପିଇ ଗ୍ରାମର ପିଲା ମାନେ ବହୁ ଦୂରାରୋଗରେ ପଡୁଥିବାର ସ୍ଥାନୀୟବାସୀ ରାୟ ସିଂ ଓ ପୂଜା ସିଂ କହିଛନ୍ତି।

ଗାଁରେ ଥିବା ଏକ ମାତ୍ର ନଳକୂଅଟିରେ ଖରା ଦିନେ ଜଳସ୍ତର ତଳକୁ ଚାଲି ଯାଉଥିବାରୁ ପାଣି ବାହାରେ ନାହିଁ। ପଥୁରିଆ ଅଞ୍ଚଳ ଆଳ କରି ଜଳସ୍ତର ଠିକ୍ ଭାବେ ନ ଥିବାରୁ ନୂତନ


ଚୁଆରୁ ମହିଳାମାନେ ପାଣି ସଂଗ୍ରହ କରୁଛନ୍ତି।

- ପଥୁରିଆ ଅଞ୍ଚଳ ଲାଗି ଖୋଲାଯାଉନି ନଳକୂଅ
- ଅଭିଯୋଗ ସତ୍ତ୍ୱେ ପ୍ରଶାସନ ଚୁପ୍
- ନିଆଯାଉନି ସ୍ଥାୟୀ ପଦକ୍ଷେପ

ନଳକୂପ ମଧ୍ୟ ଖୋଲା ଯାଉ ନାହିଁ । ଯାହା ଫଳରେ ସେହି ଚୁଆ ପାଣି ଲୋକ ମାନଙ୍କର ଜୀବନ ବଞ୍ଚାଉଥିବା ଅର୍ଜୁନ ସିଂ ଓ ଘାସିରାମ ସିଂ କହିଛନ୍ତି। ଖରା ଦିନେ ବିଭାଗ ପକ୍ଷରୁ ୨ ଦିନରେ ଥରେ ଟ୍ୟାଙ୍କର ପାଣି ଯୋଗା ଯାଇଥାଏ । ତାହା ମଧ୍ୟ ଆବଶ୍ୟକ ତୁଳନାରେ ଯଥେଷ୍ଟ ନୁହେଁ। ଆଗକୁ ବଡ଼ ଖରାଦିନ ଆସୁଥିବାରୁ ସମସ୍ୟା ମୁଣ୍ଡ ଟେକିଛି । ଡହ ଡହ ଖରାରେ ସେମାନଙ୍କୁ ଲାଇନରେ ଛିଡା ହୋଇ ପାଣି ସଂଗ୍ରହ କରିବାକୁ ପଡୁଛି । ଯାହାକୁ ନେଇ ଗ୍ରାମରେ ମହିଳା ମାନଙ୍କ ମଧ୍ୟରେ ଅସନ୍ତୋଷ ଦେଖା ଦେଇଛି।

ସେହିପରି ଅଶ୍ୱକୂଟୀ ଛକ ସାହିରେ ନଳକୂପ ନ ଥିବା ବେଳେ ଅଧ କି.ମି ଦୂର ଅଶ୍ୱକୂଟୀ ତଳ ସାହିରେ ଗୋଟିଏ ମାତ୍ର ନଳକୂପ ରହିଛି। ସମୟ ସମୟରେ ପୁରୁଷ ଲୋକ ମାନେ ସେଠାରୁ ପାଣି ସଂଗ୍ରହ କରି ଆଣୁଥିବା ବେଳେ ଚୁଆ ଓ କାପଡଗାଡା ନାଳ ପାଣି ସେମାନଙ୍କର ଜୀବନ ବଞ୍ଚାଇଛି ବୋଲି ଗ୍ରାମବାସୀ କହିଛନ୍ତି। ସ୍ୱାଧୀନତାର ୭୨ ବର୍ଷ ପରେ ମଧ୍ୟ ଯେଉଁଠି ଚୁଆ ପାଣି ଭରସା ସେଠାରେ ଲୋକ ମାନେ ବିକାଶ କଣ ବୁଝିବେ ବୋଲି ତୁରି ସିଂ କହିଛନ୍ତି। ଗ୍ରାମରେ ଥିବା ଗୃହ ପାଳିତ ପଶୁ ମାନେ ମଧ୍ୟ ପାଣି ପିଇବା ପାଇଁ ବହୁ ସମସ୍ୟା ଦେଖାଦେଇଛି। ମାଲିକ ମାନେ ସେମାନଙ୍କୁ ଗାଁ ଠାରୁ ୨ କି.ମି ଦୂରରେ ଥିବା ଏକ ଝରଣାକୁ ପାଣି ପିଇବାକୁ ନେଇଥାନ୍ତି । କେତେକ ମହିଳା ନିଜେ ପାଣି ଆଣି ସେମାନଙ୍କୁ ଦେଇଥାନ୍ତି । ଚୁଆ ଗୁଡିକ ମଧ୍ୟ ସେପରି ଆବଦ୍ଧ ନ ଥିବାରୁ ଗାଈ, ଛେଳି, ମେଣ୍ଢା ଆଦି ସେହି ଚୁଆରୁ ପାଣି ପିଇଥାନ୍ତି। ଏପରିକି ସମୟ ସମୟରେ ଏହି ଗୃହ ପାଳିତ ପଶୁ ମାନେ ଚୁଆକୁ ପାଣି ପିଇବାକୁ ଯାଇ ଚୁଆରେ ପଡି ମୃତ୍ୟୁମୁଖରେ ପଡିଥିବା ନଜିର ରହିଛି। ଏହି ଚୁଆର ରକ୍ଷଣାବେକ୍ଷଣ ଯଦିବି ପ୍ରଶାସନ କରନ୍ତା ତେବେ ଲୋକେ ଟିକେ ଶୁଦ୍ଧ ଜଳ ପିଇବାକୁ ପାଆନ୍ତେ ବୋଲି ଗ୍ରାମବାସୀ ପ୍ରକାଶ କରିଛନ୍ତି। ଏ ସମ୍ପର୍କରେ ବିଭାଗୀୟ ଯନ୍ତ୍ରୀଙ୍କୁ ପଚାରିବାରୁ ସେ କହନ୍ତି ଗଜାପଥରରେ ଗୋଟିଏ ନଳକୂଅ ତଡା ଯାଇଥିବା ବେଳେ ଅନ୍ୟ ଗୋଟିଏ ପାଇଁ ପ୍ରସ୍ତାବ ରହିଛି । ସେହିପରି ଅଶ୍ୱକୂଟୀ ପାଇଁ ମଧ୍ୟ ପ୍ରସ୍ତାବ ରହିଛି । ପଥୁରିଆ ଜାଗା ହୋଇଥିବାରୁ ସମସ୍ୟା ରହୁଛି । ତେବେ ସେମାନଙ୍କୁ ଖରାଦିନେ ଟ୍ୟାଙ୍କରରେ ପାଣି ଦିଆଯାଇଥାଏ ।

## ସଂକ୍ଷେପରେ

### ତମାଖୁ ବର୍ଜନ ସଚେତନତା

କୁଆମରା, ୨।୨(ଡି.ଏନ.ଏ.)-ଗୋପବନ୍ଧୁ ନଗର ବ୍ଲକ ଅନ୍ତର୍ଗତ ଟିଟିଆ ଆଦର୍ଶ ବିଦ୍ୟାଳୟ ପରିସରରେ ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ତମାଖୁ ବର୍ଜନ ଉପରେ ଏକ ସଚେତନତା ଶିବିର ଅନୁଷ୍ଠିତ ହେବା ସହ ତର୍କ ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା। ଏଥିରେ ଶତାଧିକ ଛାତ୍ରୀଛାତ୍ର ଉପସ୍ଥିତ ଥିବା ବେଳେ ୨୫ ଜଣ ତର୍କରେ ଭାଗ ନେଇଥିଲେ। ନବମ ଶ୍ରେଣୀର ଛାତ୍ରୀ ଅପର୍ଣ୍ଣା ମାଇତି ପ୍ରଥମ, ସତ୍ୟମ ଶତପଥୀ ଦ୍ୱିତୀୟ ଓ ଅଷ୍ଟମ ଶ୍ରେଣୀର ଛାତ୍ର ରହିତ ରମଣ ବେହେରା ତୃତୀୟ ସ୍ଥାନ ଅଧିକାର କରିଥିଲେ। କୃତୀ ପ୍ରତିଯୋଗୀମାନଙ୍କୁ ପୁରସ୍କାର ସହ ମାନପତ୍ର ପ୍ରଦାନ କରାଯାଇଥିଲା। ପ୍ରଧାନ ଶିକ୍ଷକ ଚିନ୍ମୟ ସେନାପତିଙ୍କ ଅଧକ୍ଷତାରେ ଅନୁଷ୍ଠିତ ସଚେତନତା ସଭାରେ ସ୍ୱାସ୍ଥ୍ୟ ବିଭାଗର ବିପିଏମ ଅନୁଭବ ପଟ୍ଟନାୟକ, ଜନସ୍ୱାସ୍ଥ୍ୟ ସମ୍ପ୍ରସାରଣ ଅଧିକାରୀ ମହେଶ୍ୱର ମଲ୍ଲିକ, ଆୟୁଷ ଡାକ୍ତର ଅସିତ ସାହୁ ଯୋଗଦେଇ ତମାଖୁ ସେବନର ଅପକାରିତା ଓ ତା'ଠାରୁ ଦୂରେଇ ରହିବା ଉପରେ ବକ୍ତବ୍ୟ ରଖିଥିଲେ। ସମସ୍ତ ଶିକ୍ଷୟିତ୍ରୀଶିକ୍ଷକ କାର୍ଯ୍ୟକ୍ରମକୁ ପରିଚାଳନା କରିଥିଲେ।

### ବାଲିଡିହାରେ ନାମଯଜ୍ଞ

ଖୁଣ୍ଟା, ୨।୨(ଡି.ଏନ.ଏ.)-ଗୋପବନ୍ଧୁନଗର ଅଧୀନ ବାବା ଢୁଢେଶ୍ୱର ବାରୁଣୀ ପୀଠ ନିକଟ ବାଲିଡିହା ଗ୍ରାମରେ ଅଷ୍ଟମ ପ୍ରହର ସହସ୍ର ହରି ନାମଯଜ୍ଞ ଉଦ୍‌ଯାପିତ ହୋଇଯାଇଛି। ପବିତ୍ର ମାଘ ସପ୍ତମୀ ଅବସରରେ ଶନିବାର ଢୁଢେଶ୍ୱର ପୀଠ ଗଙ୍ଗାହର ନଦୀରୁ ନାମ ଯଜ୍ଞର ଆୟୋଜକ କମିଟି ପକ୍ଷରୁ ବିଧିମତେ ଘଟ ଉତ୍ତୋଳନ କରଯାଇ ବାଲିଡିହା ଗ୍ରାମ ମହାଦେବ ମନ୍ଦିର ନିକଟ ପଡ଼ିଆ ଅସ୍ଥାୟୀ ମଣ୍ଡପରେ ସ୍ଥାପନ କରାଯାଇଥିଲା। ପରବର୍ତ୍ତୀ ସମୟରେ ପୂଜକ ଯଥା ରୀତି ପୂଜାର୍ଚ୍ଚନା କରିବା ପରେ ଅପରାହ୍ନ ୫ ଟାରେ ସହସ୍ର ହରିନାମ ଆରମ୍ଭ ହୋଇଥିଲା। ରାଧାକୃଷ୍ଣଙ୍କ ମୃଣ୍ମୟ ମୂର୍ତ୍ତିଙ୍କ ପୂଜା ଅନୁଷ୍ଠିତ ହୋଇଥିଲା। ରବିବାର ଅପରାହ୍ନରେ ନାମଯଜ୍ଞର ପୂର୍ଣ୍ଣାହୁତି ସମାପନ ପୂର୍ବକ ହରିନାମ ଶେଷ ହୋଇଥିଲା। ଏହି କାର୍ଯ୍ୟକ୍ରମରେ ବିଭିନ୍ନ ଅଞ୍ଚଳରୁ ୪ ଗୋଟି ସଂକୀର୍ତ୍ତନ ଦଳ ଯୋଗ ଦେଇଥିଲେ। ଶେଷରେ କମିଟି ପକ୍ଷରୁ ଅନ୍ନଛତ୍ର ବ୍ୟବସ୍ଥା କରାଯାଇଥିଲା ।

### ଗୀତାଜ୍ଞାନ ପରୀକ୍ଷା ଦେଲେ ୩୨୨ ଛାତ୍ରୀଛାତ୍ର

ବାରିପଦା ଅଫିସ,୨।୨-ପ୍ରଜ୍ଞାନ ମିଶନ ପକ୍ଷରୁ ରବିବାର ମୟୂରଭଞ୍ଜ ଜିଲାର ୪ଟି ସ୍ଥାନରେ ଗୀତାଜ୍ଞାନ ପରୀକ୍ଷା ଅନୁଷ୍ଠିତ ହୋଇଯାଇଛି। ଜିଲା ସଂଯୋଜିକା ବୀଣାପାଣି ଦାଶଙ୍କ ତତ୍ତ୍ୱାବଧାନରେ ଶିରିଷବଣି ସ୍ୱାମୀ ବିବେକାନନ୍ଦ ଶିକ୍ଷାଶ୍ରମ, ଭଞ୍ଜପୁର ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିର, ବେତନଟୀ ସ୍ୱାମୀ ବିବେକାନନ୍ଦ ଶିକ୍ଷାକେନ୍ଦ୍ର ଓ ବୈଶାଙ୍ଗା ଆଚାର୍ଯ୍ୟ ଶ୍ରୀରାମ ଶର୍ମା ଯୁଗ ନିର୍ମାଣ ଗୁରୁକୁଳଠାରେ ପରୀକ୍ଷା ହୋଇଥିଲା। ୪ଟି କେନ୍ଦ୍ରରେ ୩୨୨ ଛାତ୍ରୀଛାତ୍ର ଗୀତାଜ୍ଞାନ ପରୀକ୍ଷା ଦେଇଥିଲେ। ବ୍ରହ୍ମଚାରୀ ଗୀତାନନ୍ଦ ବାବା ମୟୂରଭଞ୍ଜ ଗସ୍ତ କରି ସମସ୍ତ ପରୀକ୍ଷାକେନ୍ଦ୍ରରେ ତଦାରଖ କରିଥିଲେ। ଗୀତାକୁ ଦୈନନ୍ଦିନ ଜୀବନରେ ଉପଯୋଗ କରି ନିଜକୁ ଓ ରାଷ୍ଟ୍ରକୁ ଉନ୍ନତି ପଥରେ ନେବା ପାଇଁ ପ୍ରଜ୍ଞାନ ମିଶନ ପକ୍ଷରୁ ଏହି ପରୀକ୍ଷା କାର୍ଯ୍ୟକ୍ରମ କରାଯାଉଥିବା ସୂଚନା ଦିଆଯାଇଛି।

## 'ପରିବାରର ସଂସ୍କାର ସନ୍ତାନଙ୍କୁ ଅନୁପ୍ରାଣିତ କରାଏ'

ବଡ଼ସାହି, ୨।୨(ସ୍ୱ.ପ୍ର)-ନିଜ ପରିବାରର ସଂସ୍କାର ସନ୍ତାନଙ୍କୁ ଅନୁପ୍ରାଣିତ କରୁଥିବାରୁ ପରିବର୍ତ୍ତନଶୀଳ ଦୁନିଆରେ ଅଭିଭାବକ ନିଜେ ସଂସ୍କାରି ହେବା ଜରୁରୀ ବୋଲି ମାଣଡ୍ରୀସ୍ଥିତ ଶାନ୍ତିପ୍ରଭା ଇଂରାଜୀ ମଧ୍ୟମ ବିଦ୍ୟାଳୟର ୪ର୍ଥ ବାର୍ଷିକ ଉତ୍ସବରେ ଯୋଗଦେଇଥିବା ଅତିଥିଗଣ ପ୍ରକାଶ କରିଛନ୍ତି। ଅନୁଷ୍ଠାନର ଅଧ୍ୟକ୍ଷ ସତ୍ୟନାରାୟଣ ସିଂହଙ୍କ ସଭାପତିତ୍ୱରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ଆଇରନ ଟ୍ରାଏଙ୍ଗେଲର ପରିଚାଳନା ନିର୍ଦ୍ଦେଶକ ମୋହନ କୁମାର ମିଶ୍ର, ସ୍ୱତନ୍ତ୍ର ଅତିଥି ଭାବେ କୁଆମରା ହାଇସ୍କୁଲର ପ୍ରାକ୍ତନ ପ୍ରଧାନ ଶିକ୍ଷକ କାଶିନାଥ ପାତ୍ର ଓ ଶିକ୍ଷାବିତ ବାଇଧର ଗିରି, ମୁଖ୍ୟବକ୍ତା ଭାବେ ବଡ଼ସାହି ବିଇଓ ଦେବବ୍ରତ ବାରିକ ଓ ସମ୍ମାନିତ ଅତିଥି ଭାବେ ସରପଞ୍ଚ ମହାଦେବା ସିଂ ଯୋଗ ଦେଇଛନ୍ତି । ଏହି ଅବସରରେ ବିଭିନ୍ନ ପ୍ରତିଯୋଗିତାର କୃତୀ ପ୍ରତିଯୋଗୀଙ୍କୁ ଅତିଥିବୃନ୍ଦ ପୁରସ୍କୃତ କରିଛନ୍ତି। ଅନୁଷ୍ଠାନର ଉପାଧ୍ୟକ୍ଷ ଦୀପକ କୁମାର ଦାସ ଅତିଥି ପରିଚୟ ପ୍ରଦାନ କରିଥିବା ବେଳେ ଅଧ୍ୟକ୍ଷ ସିଂହ ବାର୍ଷିକ ବିବରଣୀ ପାଠ କରିଛନ୍ତି। ପ୍ରତିଷ୍ଠାତା ଇଂ କିଶୋର ଚନ୍ଦ୍ର ଗିରି ସମସ୍ତ ସହଯୋଗ କାମନା କରି ଧନ୍ୟବାଦ ଅର୍ପଣ କରିଛନ୍ତି। ସନ୍ଧ୍ୟାରେ ଛାତ୍ରୀଛାତ୍ରଙ୍କ ଦ୍ୱାରା ଚିତ୍ତାକର୍ଷକ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷିତ ହୋଇଛି । ପରିଚାଳନା କମିଟିର ସମ୍ପାଦକ ଅଜିତ କୁମାର ଜେନା ଓ ତୁଳସୀ ଗୁରମା'ଙ୍କ ସମେତ ବିଦ୍ୟାଳୟର ସମସ୍ତ ଗୁରୁମା ଗୁରୁଜୀ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଛନ୍ତି ।

# ବିକାଶ ମଞ୍ଚରେ ସାମିଲ ହେଲେ ପିଆର୍‌ଆଇ ମେମ୍ବର


ବିକାଶ ମଞ୍ଚରେ ଉପସ୍ଥିତ ସଦସ୍ୟ ସହିତ ପିଆର୍‌ଆଇ ମେମ୍ବର।

ବଡ଼ସାହି, ୨।୨(ସ୍ୱ.ପ୍ର.)

ଆଦିବାସୀ ଅଧୁଷିତ ମୟୂରଭଞ୍ଜ ଜିଲା ବଡ଼ସାହି-ବେତନଟୀ ବ୍ଲକକୁ ନେଇ ଗଠିତ ବିକାଶ ମଞ୍ଚର ୧୧ତମ ବୈଠକ ରବିବାର ପାଉଁଶିଆ ବନ୍ଧ ଠାରେ ଅନୁଷ୍ଠିତ ହୋଇଯାଇଛି। ପ୍ରେସ କ୍ଲବ ୨୪ ଗୁଣନ ୭ର ସଭାପତି ହରିଶ ଚନ୍ଦ୍ର ନନ୍ଦଗୋସ୍ୱାମୀଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ବୈଠକରେ ଉଭୟ ବ୍ଲକର ୫୪ଟି ପଞ୍ଚାୟତରୁ ସରପଞ୍ଚ, ସମିତି ସଭ୍ୟ ଓ ଜିଲାପରିଷଦ ସଦସ୍ୟମାନେ ଏକଜୁଟ ହୋଇଥିଲେ। ଖବରଦାତା ଅରୁଣ କୁମାର ଓତାଙ୍କ ଦ୍ୱାରା ପୂର୍ବ ବୈଠକର କାର୍ଯ୍ୟସୂଚୀ ସମ୍ପର୍କରେ ଆଲୋଚନା କରାଯାଇଥିଲା। ବଡ଼ସାହି ଠାରେ ସବ୍ ରେଜିଷ୍ଟ୍ରାର ଅଫିସ ଖୋଲିବା, ବେତନଟୀକୁ ସବଡିଭିଜନ ମାନ୍ୟତା ଦାବି, ବସଷ୍ଟାଣ୍ଡ, ଫାଣ୍ଡି ଅଫିସ ଖୋଲିବାକୁ ନେଇ ବିସ୍ତୃତ ଆଲୋଚନା କରାଯାଇଛି। ସବ୍‌ଡିଭିଜନ ନିମନ୍ତେ ଜନଆନ୍ଦୋଳନ କରା ନ ଗଲେ ମାନ୍ୟତା ପାଇବାରେ ବିଳମ୍ବ ହେବ ବୋଲି ମତପ୍ରକାଶ ପାଇଛି । ଆଗାମୀ ଦିନରେ ଉଭୟ ବ୍ଲକର ଦାବିକୁ ନେଇ ସଙ୍ଗଠନକୁ ମଜଭୁତ କରିବା ସହ ଅଞ୍ଚଳବାସୀଙ୍କୁ ସାମିଲ କରିବାକୁ ନିଷ୍ପତ୍ତି ନିଆଯାଇଛି। ସବୁ ଦଳର ରାଜନେତା ଓ ବିଭିନ୍ନ ସଙ୍ଗଠନ ପକ୍ଷରୁ ଦାବିକୁ ଜୋରଦାର କରାଯିବ। ଉଭୟ ବ୍ଲକର ଦାବିକୁ ନେଇ ବୈଶିଙ୍ଗା ଠାରୁ ମାଣଡ୍ରୀ ଓ ବଡ଼ସାହିରୁ ବେତନଟୀ ପର୍ଯ୍ୟନ୍ତ ଏକ ରାଲି କରାଯିବ ବୋଲି ସର୍ବସମ୍ମତି କ୍ରମେ ମତପ୍ରକାଶ ପାଇଛି । ସେହିପରି ସରପଞ୍ଚ ଓ ସମିତି ସଭ୍ୟମାନେ ବିଭିନ୍ନ ଉନ୍ନୟନ ମୂଳକ କାର୍ଯ୍ୟକରିବା ପାଇଁ ପ୍ରସ୍ତାବ ରଖିଥିଲେ। ସେଗୁଡିକ ପର୍ଯ୍ୟାୟ କ୍ରମେ ପୂରଣ କରିବାକୁ ନିଷ୍ପତ୍ତି ନିଆଯାଇଛି। ଅନ୍ୟମାନଙ୍କ ମଧ୍ୟରେ ବଡ଼ସାହି ବିଧାୟକ ସନାତନ ବିଜୁଳୀ, ବିକାଶ ମଞ୍ଚର ବରିଷ୍ଠ ସଦସ୍ୟ ପ୍ରକାଶ କରମହାପାତ୍ର, ଚୂଡାମଣି ମହାପାତ୍ର, ରାଜେନ୍ଦ୍ର ଜେନା, ଅର୍ଜୁନ ଦଳେଇ, ସୁବୋଧ ଦଣ୍ଡପାଟ, ନରେନ୍ଦ୍ର ସିଂ, ପୂର୍ବତନ ବିଧାୟକ ଗଣେଶ୍ୱର ପାତ୍ର, ପ୍ରକାଶ ବେହେରା, ମୁରଲୀଧର ନାଏକ ପ୍ରମୁଖ ବକ୍ତବ୍ୟ ରଖିଥିଲେ । କାର୍ଯ୍ୟକ୍ରମରେ ସମସ୍ତ ଗଣମାଧ୍ୟମ ପ୍ରତିନିଧି ଓ ମଞ୍ଚର ସଦସ୍ୟମାନେ ଉପସ୍ଥିତ ଥିଲେ । ଶେଷରେ ଖବରଦାତା ମନୋଜ ପଣ୍ଡା ସମସ୍ତଙ୍କୁ ଧନ୍ୟବାଦ ଦେଇଛନ୍ତି ।

# ଶିକ୍ଷା ଓ ମହିଳାଙ୍କ ସୁରକ୍ଷା ପାଇଁ ଗଣଦୌଡ଼

ବାରିପଦା ଅଫିସ,୨।୨–

ବାରିପଦା ଛଉପଡ଼ିଆଠାରେ ରବିବାର ଶିକ୍ଷା ଓ ମହିଳାଙ୍କ ସୁରକ୍ଷା ପାଇଁ ଫାଷ୍ଟ ଏଜୁକେଶନ ଟ୍ରଷ୍ଟ ପକ୍ଷରୁ ଗଣଦୌଡ଼ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଟ୍ରଷ୍ଟର ସଭାପତି ରାଧାକୃଷ୍ଣ ହାଁସଦାଙ୍କ ପୌରୋହିତ୍ୟରେ ହୋଇଥିବା ଏହି କାର୍ଯ୍ୟକ୍ରମରେ ରାଜସ୍ୱ ଏବଂ ବିପର୍ଯ୍ୟୟ ପରିଚାଳନା ମନ୍ତ୍ରୀ ସୁଦାମ ମାରାଣ୍ଡି ମୁଖ୍ୟଅତିଥି ଭାବେ ଯୋଗଦେଇ ଉଦ୍‌ଘାଟନ କରିଥିଲେ। ଛଉପଡ଼ିଆଠାରୁ ଆରମ୍ଭ ହୋଇ ସହର ପରିକ୍ରମା କରି ଛଉପଡ଼ିଆଠାରେ ପହଞ୍ଚି ସେଠାରେ ଗଣଦୌଡ଼ ଉଦ୍‌ଯାପିତ ହୋଇଥିଲା। ପରେ ସେଠାରେ ପୁରସ୍କାର ବିତରଣ ସଭା ଅନୁଷ୍ଠିତ ହୋଇଥିଲା। ମନ୍ତ୍ରୀ ନିଜ ବକ୍ତବ୍ୟରେ ସୁସ୍ଥ ସମାଜ ଗଠନରେ ଶିକ୍ଷାର ମୁଖ୍ୟ ଭୂମିକା ଥିବା କହିଥିଲେ। ସେହିପରି ନାରୀମାନଙ୍କୁ ସମ୍ମାନ ଦେବା ଦରକାର ବୋଲି ସେ ବକ୍ତବ୍ୟ ରଖିଥିଲେ। ମୁଖ୍ୟବକ୍ତା ପୂର୍ବତନ ବିଧାୟକ ରାଦବ ହାଁସଦା ଏବଂ ସମ୍ମାନିତ ଅତିଥି ଭାବେ ବାରିପଦା ତହସିଲଦାର ରାମଚନ୍ଦ୍ର ସୋରେନ, ଅତିରିକ୍ତ ତହସିଲଦାର ସାଗର ମୁର୍ମୁ ଯୋଗ ଦେଇଥିଲେ। ଅତିଥିମାନେ କୃତୀ ପ୍ରତିଯୋଗୀମାନଙ୍କୁ ପୁରସ୍କୃତ କରିଥିଲେ। ଶଶିଭୂଷଣ ଗିରି ଧନ୍ୟବାଦ ଦେଇଥିଲେ। ଟ୍ରଷ୍ଟର ସମ୍ପାଦକ ରାଜୀବ ମାଝି, ଉପସଭାପତି ଦୀକ୍ଷିନ ସୋରନ୍‌ଙ୍କ ସମେତ ସଦସ୍ୟମାନେ ଗଣଦୌଡ଼ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ।


ମନ୍ତ୍ରୀ ସୁଦାମ ମାରାଣ୍ଡି ଗଣଦୌଡ଼ କାର୍ଯ୍ୟକ୍ରମକୁ ଉଦ୍‌ଘାଟନ କରୁଛନ୍ତି।

## କ୍ରିକେଟ୍ ଟୁର୍ନାମେଣ୍ଟ: ନୀଳଗିରି ଦଳ ଚାମ୍ପିୟନ

କପ୍ତିପଦା,୨।୨(ଡି.ଏନ୍.ଏ.)

କପ୍ତିପଦା ବ୍ଲକ୍ ଅଧୀନ ପେଡାଗଡି ଠାରେ ଗତ ୨ ଦିନ ଧରି ଚାଲିଥିବା ୧୦ ଓଭର ବିଶିଷ୍ଟ ଏକ କ୍ରିକେଟ ଟୁର୍ନାମେଣ୍ଟ ଉଦ୍‌ଯାପିତ ହୋଇଯାଇଛି। ଆଦ୍ୟମାତା ୟୁଥ କ୍ଲବ ଆନୁକୁଲ୍ୟରେ ଅନୁଷ୍ଠିତ ଏହି ଟୁର୍ନାମେଣ୍ଟରେ ୮ଟି ଦଳ ଅଂଶ ଗ୍ରହଣ କରିଛନ୍ତି । ଉନ୍ନତ ଖେଳ ପ୍ରଦର୍ଶନ କରି ଶେରଗଡ ଦଳ ଓ ନିଳଗିରି ଦଳ ଫାଇନାଲକୁ ଉନ୍ନୀତ ହୋଇଛନ୍ତି । ଏହି ଖେଳରେ ଶେରଗଡ ଦଳ ଟସ୍ ଜିଣି ପ୍ରଥମେ ବ୍ୟାଟିଂ କରିବାର ନିଷ୍ପତ୍ତି ନେଇ ନିର୍ଦ୍ଧାରିତ ୧୦ ଓଭରରେ ୪୮ ରନ ସଂଗ୍ରହ କରିଛି। ଜବାବରେ ନୀଳଗିରି ଦଳ ନିର୍ଦ୍ଧାରିତ ଓଭରରେ ବିଜୟ ଲକ୍ଷ୍ୟ ୪୯ ରନ ସଂଗ୍ରହ କରି ଚାମ୍ପିୟନ ହୋଇଛି। ଏହି ଅବସରରେ ଅନୁଷ୍ଠିତ ପୁରସ୍କାର ବିତରଣୀ ଉତ୍ସବରେ ମୁଖ୍ୟଅତିଥି ଭାବେ ଶଉଦଳା ବିଧାୟକ ଭାସ୍କର ମଢେଇ, ସମ୍ମାନିତ ଅତିଥି ଭାବେ ସମିତି ସଭ୍ୟା ସୀତା ମୁର୍ମୁ, ପେଡଗଡଇ ସରକାରୀ ଉଚ୍ଚ ବିଦ୍ୟାଳୟର ଶାରିରୀକ ଶିକ୍ଷକ ବିଶ୍ୱଜିତ ବିଶ୍ୱାଳ ପ୍ରମୁଖ ଯୋଗ ଦେଇ ଚାମ୍ପିୟନ ଓ ରନର୍ସଅପ୍ ଦଳକୁ ପୁରସ୍କୃତ କରିଥିଲେ। କ୍ଲବର ସଭାପତି ମାନସ ମୁଦୁଲି ଓ ସମ୍ପାଦକ କୃତିବାସ ଧଡାଙ୍କ ନେତୃତ୍ୱରେ କ୍ଲବର ସମସ୍ତ ସଦସ୍ୟ ଏଥିରେ ସହଯୋଗ କରିଥିଲେ ।

## ସକ୍ଷମ ୨୦୨୦ ୱାକ୍‌ଥନ


ବିଧାୟକ ହେମନ୍ତ ସୋରେନ ପତାକା ଦେଖାଇ କାର୍ଯ୍ୟକ୍ରମ ଉଦ୍‌ଘାଟନ କରୁଛନ୍ତି।

ବାରିପଦା ଅଫିସ, ୨।୨

ରାଷ୍ଟ୍ରୀୟ ତୈଳ ଓ ଇନ୍ଧନ ଗ୍ୟାସ୍ କମ୍ପାନୀ ସହାୟତାରେ ରବିବାର ବାରିପଦାଠାରେ ସକ୍ଷମ ୨୦୨୦ ୱାକ୍‌ଥନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ବାରିପଦା ବିଧାୟକ ହେମନ୍ତ ସୋରେନ ମୁଖ୍ୟଅତିଥି ଭାବେ ଯୋଗଦେଇ ଉଦ୍‌ଘାଟନ କରିଥିଲେ। ପେଟ୍ରୋଲର ସୁବିନିଯୋଗ କରିବା ସହିତ ଏହାକୁ ସଂରକ୍ଷଣ କରିବା ପାଇଁ ସେ କହିଥିଲେ। ପ୍ରଦୂଷଣ ବୃଦ୍ଧିକୁ ରୋକିବା ସହିତ ପ୍ରେଟୋଲକୁ ସଂରକ୍ଷଣ କରି ରଖିବା ଲାଗି ଏଭଳି ସଚେତନତା କାର୍ଯ୍ୟକ୍ରମ କରାଯାଉଥିବା ବିଧାୟକ ପ୍ରକାଶ କରିଥିଲେ। ଶତାଧିକ ବ୍ୟକ୍ତି କାର୍ଯ୍ୟକ୍ରମରେ ଯୋଗ ଦେଇଥିଲେ। ୱାକ୍‌ଥନ ବାରିପଦା ଷ୍ଟାଡିୟମ ନିକଟରୁ ବାହାରି ସହର ପରିକ୍ରମା କରି ଷ୍ଟାଡିୟମଠାରେ ପହଞ୍ଚିଥିଲା। ଅନ୍ୟ ମାନଙ୍କ ମଧ୍ୟରେ ଆଇଓସିଏଲ୍‌ର ଏରିଆ ମ୍ୟାନେଜର ତମଲ ଦତ୍ତ, ବିପିସିଏଲ୍‌ର ଏରିଆ ମ୍ୟାନେଜର ରାକେଶ କୁମାର ପ୍ରମୁଖ ଉପସ୍ଥିତ ଥିଲେ।

# ପୂଜା ହେଲେ ୧୫୦ରୁ ଉର୍ଦ୍ଧ୍ୱ ଗୁରୁଜନ



ଉଦଳା, ୨।୨(ଡି.ଏନ.ଏ.)

ଆଜିର ସମାଜରେ ବୃଦ୍ଧ ମା'ବାପାଙ୍କୁ ବୃଦ୍ଧାଶ୍ରମରେ ଦେଖିବାକୁ ମିଳୁଛି । ମା' ବାପା ଚଳନ୍ତି ଠାକୁର ହୋଇଥିବା ବେଳେ ସେମାନଙ୍କୁ ଅବହେଳା କରୁଛନ୍ତି ଜନ୍ମ କଲା ପିଲାମାନେ । ଜୀବନର ଶେଷ ପାହାଚରେ ପିଲାଙ୍କ ସ୍ନେହ ଟିକିଏ ପାଇଁ ସେମାନେ ଡହଳବିକଳ ହେଉଛନ୍ତି।

**ଯୁବଗୋଷ୍ଠୀଙ୍କ ଅଭିନବ ପ୍ରୟାସ**

ହେଲେ ସେହି ସ୍ନେହ ମମତା ଦେବାକୁ ପ୍ରୟାସ କରି ପଥଭ୍ରଷ୍ଟ ଯୁବସମାଜକୁ ବାଟକୁ ଆଣିବା ନିମନ୍ତେ ଏକ ନୂଆ ବାର୍ତ୍ତା ଦେଇଛନ୍ତି କପ୍ତିପଦା ଉପଖଣ୍ଡ ଉଦଳା ବ୍ଲକ ଡିହିରାକୁଳ ଗ୍ରାମର ଯୁବଗୋଷ୍ଠୀ। ଏହି ପରିପ୍ରେକ୍ଷୀରେ ରବିବାର ଅନୁଷ୍ଠିତ ହୋଇଥିଲା 'ଆମ ଗାଁ ଗୁରୁଜନ ପୂଜନ ଉତ୍ସବ'। ଗ୍ରାମର ଗୋପୀନାଥ ଜୀଉ ମେଲଣ ପଡିଆରେ ଆୟୋଜିତ ହୋଇଥିଲା ଏକ ମଞ୍ଚ। ବୟୋଜ୍ୟେଷ୍ଠମାନଙ୍କ ପାଛୋଟି ଅଣାଯାଇଥିଲା ମଞ୍ଚ ନିକଟକୁ। ଯେଉଁମାନେ ଚାଲିବାକୁ ଅସମର୍ଥ ସେମାନଙ୍କୁ ହୁଇଲ ଚେୟାରରେ ମଞ୍ଚ ନିକଟକୁ ପାଛୋଟି ନିଆଯାଇଥିଲା। ମଞ୍ଚ ନିକଟରେ ପହଞ୍ଚିବା ପରେ ପ୍ରଥମେ ଗୁରୁଜନମାନଙ୍କୁ ଗ୍ରାମବାସୀଙ୍କ ତରଫରୁ ଶ୍ରଦ୍ଧାର ସହିତ ପଦ ପ୍ରକ୍ଷାଳନ ପରେ ଚନ୍ଦନ ପୁଷ୍ପ ଆଦିରେ ବନ୍ଦାପନ କରାଯାଇ ପାଦପୂଜା କରାଯାଇଥିଲା । ନୂତନ ବସ୍ତ୍ର ଅତିଥିମାନଙ୍କ ଦ୍ୱାରା ପ୍ରଦାନ କରାଯାଇ ଜଳଯୋଗ ବ୍ୟବସ୍ଥା ଆୟୋଜନ କରାଯାଇଥିଲା। ଏହି ମଞ୍ଚରେ ଉଦଳା ତଥା ଡିହିରାକୁଳ ଗ୍ରାମର ୧୫୦ରୁ ଉର୍ଦ୍ଧ୍ୱ ବୟୋଜ୍ୟେଷ୍ଠ ନାଗରିକ ଯୋଗ ଦେଇଥିଲେ। ଆଧ୍ୟାତ୍ମିକ ପରିବେଶ ମଧ୍ୟରେ ଗୁରୁଜନ ପୂଜନ କମିଟିର ସଦସ୍ୟମାନେ ଯୋଗ ଦେଇଥିବା ବେଳେ ମହିଳା ପୁରୁଷ ଗୁରୁଜନମାନଙ୍କୁ ପାଦ ପୂଜା କରି ଆଶୀର୍ବାଦ କାମନା କରିଥିଲେ । ସମସ୍ତ ଗୁରୁଜନମାନଙ୍କୁ ଫୁଲଚନ୍ଦନ ଦେଇ ପୂଜାର୍ଚ୍ଚନା ପରେ ଉପଢୌକନ ପ୍ରଦାନ କରାଯାଇଥିଲା। ଆଧ୍ୟାତ୍ମିକ ଭାବଧାରାରେ ନାମ ସଂକୀର୍ତ୍ତନ, ଭଜନ ଏବଂ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା। ଏହି କାର୍ଯ୍ୟକ୍ରମକୁ ରାଢୋ କେଜିବିଭିର ଛାତ୍ରୀମାନେ ପରିବେଷଣ କରିଥିଲେ । କଣ୍ଠଶିଳ୍ପୀ ବିଶ୍ୱନାଥ ପଣ୍ଡା ଭକ୍ତିପୂତ ଭଜନ ଗାନ କରିଥିଲେ। ଆୟୋଜିତ ମଞ୍ଚରେ ଏକ ସଭାର ଆୟୋଜନ କରାଯାଇଥିଲା। ଅତିଥି ଭାବେ ଏମ୍‌ପି ବିଶେଶ୍ୱର ଟୁଡୁ, ଉଦଳା ବିଧାୟକ ଭାସ୍କର ଚନ୍ଦ୍ର ମଢେଇ, ଉଦଳା ଅଞ୍ଚଳର ବରିଷ୍ଠ ନାଗରିକ ଜୟଚନ୍ଦ୍ର ପତ୍ରୀ, ଉପଖଣ୍ଡ ସୂଚନା ଓ ଲୋକସମ୍ପର୍କ ଅଧିକାରୀ ରମେଶ ଚନ୍ଦ୍ର ନାୟକ, ରାଢୋ ଯୁକ୍ତ ଦୁଇ ମହାବିଦ୍ୟାଳୟ ଅଧ୍ୟକ୍ଷ ଲକ୍ଷ୍ମୀକାନ୍ତ ଦାସ, ସାମାଜିକ କର୍ମୀ ଅମୀୟ କୁମାର ବଳ, ଶିକ୍ଷାବିତ୍ କେଦାର ନାଥ ପୃଷ୍ଟି, ସମାଜସେବୀ ସନ୍ତୋଷ କୁମାର ବାଛିନୀ ଯୋଗ ଦେଇ ଗୁରୁଜନମାନଙ୍କ ଆଶୀର୍ବାଦ ଭିକ୍ଷା କରିବା ସହିତ ଆଜିର ଯୁବ ସମାଜର ଦାୟିତ୍ୱ ଓ କର୍ତ୍ତବ୍ୟ ସମ୍ବନ୍ଧରେ ଆଲୋକପାତ କରିଥିଲେ । ଯୁବ ସଂଯୋଜକ ରମେଶ ଚନ୍ଦ୍ର ପୃଷ୍ଟିଙ୍କ ଆବାହକତ୍ୱରେ କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା। ଗ୍ରାମର ପ୍ରଦୀପ ପୃଷ୍ଟି, ଭିକାରୀ ଚରଣ ପୃଷ୍ଟି, ଅନିତା ବିଶ୍ୱାଳ, ରାଜାରାମ ବେହେରା ଗୁରୁଜନଙ୍କ ଉଦ୍ଦେଶ୍ୟରେ କବିତା ପାଠ କରିଥିଲେ । ଶେଷରେ ସଂକୀର୍ତ୍ତନ କରି ସମସ୍ତ ଗୁରୁଜନଙ୍କୁ ପରିକ୍ରମା ପୂର୍ବକ ଆଶୀର୍ବାଦ ଭିକ୍ଷା କରାଯାଇଥିଲା । ଉଦଳାରୁ ବିଶିଷ୍ଟ ଗୁରୁଜନ ଭାବେ ଲକ୍ଷ୍ମୀଧର ପୁଥାଳ, କିଶୋର ଚନ୍ଦ୍ର ଦାସବାବୁ, ସନାତନ ରାଉତ, ରବିକାନ୍ତ ମହାପାତ୍ର, ରବିନାରାୟଣ ସ୍ୱାଇଁଙ୍କ ସମେତ ଡିହିରାକୁଳ ଗ୍ରାମର ହରେକୃଷ୍ଣ ପୃଷ୍ଟି, ହରମୋହନ ପୃଷ୍ଟି, କୈଳାସ ହାତୀ, ପ୍ରଫୁଲ୍ଲ ହାତୀ, ପ୍ରଫୁଲ୍ଲ ଜେନା, ଭାଗବତ ହାତୀ, ଢୁମା ପ୍ରସାଦ ପ୍ରଧାନ ପ୍ରମୁଖ ଯୋଗ ଦେଇଥିଲେ ।

# 'ସାହିତ୍ୟରେ ଆଧ୍ୟାତ୍ମିକ ଚେତନା ରହିବା ଆବଶ୍ୟକ'

ବାରିପଦା ଅଫିସ,୨।୨

ବାରିପଦା ସହରସ୍ଥିତ ଶ୍ରୀମା ମହିଳା ମହାବିଦ୍ୟାଳୟଠାରେ ମୟୂରଭଞ୍ଜ ସାହିତ୍ୟ ପରିଷଦର ୩୬ତମ ବାର୍ଷିକ ଉତ୍ସବ ପାଳିତ ହୋଇଯାଇଛି। ସଭାପତି ପଦ୍ମନାଭ ସାହୁଙ୍କ ସଭାପତିତ୍ୱରେ ଆୟୋଜିତ କାର୍ଯ୍ୟକ୍ରମରେ ଚିନ୍ମୟ ମିଶନ ବାରିପଦା ଶାଖାର ମୁଖ୍ୟ ସ୍ୱାମୀ ଶ୍ରୀ ଗୋବିନ୍ଦାନନ୍ଦ ସରସ୍ୱତୀ ମୁଖ୍ୟଅତିଥି ଭାବେ ଯୋଗଦେଇ ସାହିତ୍ୟରେ ଆଧ୍ୟାତ୍ମିକ ଚେତନା ରହିଲେ ସାହିତ୍ୟ ସମାଜରେ ମଙ୍ଗଳକାରୀ ହେବ ବୋଲି ପ୍ରକାଶ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ମହାବିଦ୍ୟାଳୟର ଅଧ୍ୟକ୍ଷ ନଟବର ଗିରି, ଗାଳ୍ପିକା ସୁପ୍ରିୟା ପଣ୍ଡା, କନକଲତା ହାତୀ, ପରିଷଦର ପ୍ରତିଷ୍ଠାତା ସଦସ୍ୟ ଇଂ. ଭାଗୀରଥି ପରିଡ଼ା ଓ ସାମ୍ବାଦିକ ବିଷ୍ଣୁ ଶତପଥୀ ଯୋଗଦେଇ ବକ୍ତବ୍ୟ ରଖିଥିଲେ। ସମ୍ପାଦକ ମନୋଜ ଦଳବେହେରା ସମ୍ପାଦକୀୟ ବିବରଣୀ ପାଠ କରିଥିଲେ। ଏହି ଅବସରରେ ଗାଳ୍ପିକା ସୁପ୍ରିୟା ପଣ୍ଡାଙ୍କୁ ସରୋଜିନୀ ସ୍ମୃତି ସମ୍ମାନ, ଡ.କନକଲତା ହାତୀଙ୍କୁ ମୟୂରଭଞ୍ଜ ସାହିତ୍ୟ ସମ୍ମାନ ଓ ଯଶୋବନ୍ତ ସେଠୀଙ୍କୁ ଲକ୍ଷ୍ମୀକୁମାରୀ ଦାସ ଯୁବ ସାହିତ୍ୟିକ ସମ୍ମାନରେ ସମ୍ମାନିତ କରାଯାଇଥିଲା। ସେହିଭଳି ପରିଷଦର ସଦସ୍ୟମାନଙ୍କୁ ମଧ୍ୟ ସମ୍ବର୍ଦ୍ଧିତ କରାଯାଇଥିଲା। ପରିଷଦର ମୁଖପତ୍ର 'ମୟୂରାକ୍ଷୀ'କୁ ଅତିଥିମାନେ ଉନ୍ମୋଚନ କରିଥିଲେ। କାର୍ଯ୍ୟକ୍ରମରେ ଯୋଗ ଦେଇଥିବା କବିମାନେ ସ୍ୱରଚିତ କବିତା ପଠନ କରିଥିଲେ। ପୂର୍ବରୁ ଶିଶୁ କିଶୋର ପ୍ରତିଭା ମେଳାରେ ଅନୁଷ୍ଠିତ ବିଭିନ୍ନ ପ୍ରତିଯୋଗିତାରେ କୃତୀ ଛାତ୍ରୀଛାତ୍ରଙ୍କୁ ପୁରସ୍କୃତ କରାଯାଇଥିଲା। ସଦସ୍ୟ ଗୋପାଳ ଚନ୍ଦ୍ର ସାଓ ଅତିଥି ପରିଚୟ ଓ ବରିଷ୍ଠ ସଦସ୍ୟ ହିମାଂଶୁ ଶେଖର ଦାସ ଧନ୍ୟବାଦ ଦେଇଥିଲେ।


ସାହିତ୍ୟ ପରିଷଦର ମୁଖପତ୍ର ମୟୂରାକ୍ଷୀ ଉନ୍ମୋଚନ କରୁଛନ୍ତି ଅତିଥି।

